୬

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା
The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

• ବର୍ଷ-୩୩ • ସଂଖ୍ୟା-୧୫୨ • ୨ ଜୁଲାଇ ୨୦୨୬ ଗୁରୁବାର • ଭୁବନେଶ୍ୱର • Vol -33 • Issue-152 • 2nd July 2026, Thursday • Bhubaneswar

RNI Regd.No. : 52640/94 Postal Regd.No. : BN-60/25-27



ଇଶାନ କିଶନ ହେଲେ ବିଶ୍ୱର ୧ ନମ୍ବର ଟି-୨୦ ବ୍ୟାଟର

## ୧୨ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ

# ଚଳିତ ଶିକ୍ଷା ବର୍ଷରୁ କେ.ଜିରୁ ପି.ଜି ମାଗଣା ଶିକ୍ଷା

ଭୁବନେଶ୍ୱର,୧।୭
ନ୍ୟୁଜ୍ ବ୍ୟୁରୋ

ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକରେ ମୋଟ ୮ଟି ବିଭାଗର ୧୨ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏଥିମଧ୍ୟରେ ଉଚ୍ଚଶିକ୍ଷା ବିଭାଗର ୧ଟି, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ୨ଟି, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ୧ଟି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୧ଟି, ନିର୍ମାଣ ବିଭାଗର ୨ଟି, ଜଳସମ୍ପଦ ବିଭାଗର ୩ଟି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୧ଟି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ବିଭାଗର ୧ଟି ଅନ୍ତର୍ଭୁକ୍ତ।

ବୈଠକ ପରେ ମୁଖ୍ୟମନ୍ତ୍ରୀ ଗୋଟିଏ ଏବଂ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଅବଶିଷ୍ଟ ଅନୁମୋଦିତ ୧୧ଟି ପ୍ରସ୍ତାବ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ।



### ନିର୍ମାଣ ହେବ ଜୟଦେବ ବିହାରରୁ ନନ୍ଦନକାନନ ୮ ଲେନ ରାସ୍ତା

ସୂଚନା ଅନୁସାରେ ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧି ନାମରେ ରାଜ୍ୟ ସରକାର ଏକ ନୂତନ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ କେ.ଜି ରୁ ପି.ଜି ପର୍ଯ୍ୟନ୍ତ ଓଡ଼ିଶାର ସମସ୍ତ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାପ୍ରଦାନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିରେ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ କୌଣସି ଦେୟ ପଡ଼ିବ ନାହିଁ।

ଏହି ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଏହି ଐତିହାସିକ ନିଷ୍ପତ୍ତି ଦ୍ୱାରା ରାଜ୍ୟର ଜଣେ ବି ଛାତ୍ର କିମ୍ବା ଛାତ୍ରୀ ଆଉ ଆର୍ଥିକ ଅଭାବ କାରଣରୁ ଶିକ୍ଷାରୁ ବଞ୍ଚିତ ହେବେ ନାହିଁ। କିମ୍ବା ପାଠପଢ଼ା ମଝିରୁ ପାଠ ଛାଡ଼ିବେ ନାହିଁ। ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷାକୁ ଅଧିକ ସହଜଲଭ୍ୟ, ସମାନତା ଭିତ୍ତିକ ଏବଂ ସୁଲଭ କରିବା ପାଇଁ ଏହା ଏକ ଐତିହାସିକ ପଦକ୍ଷେପ।

ଏହି ଯୋଜନା ଅଧୀନରେ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗ ଅଧିନସ୍ଥ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଅନୁଷ୍ଠାନଗୁଡ଼ିକରେ ନିୟମିତ ବା ରେଗୁଲାର୍ ପାଠ୍ୟକ୍ରମରେ ନାମ ଲେଖାଇଥିବା ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ନାମଲେଖା ଫି’ ଛାଡ଼ କରାଯିବ। ଚଳିତ ଶିକ୍ଷାବର୍ଷ ୨୦୨୬-୨୭ରୁ ଏହା କାର୍ଯ୍ୟକାରୀ ହେବ। (ପୃଷ୍ଠା ୭ରେ)

# ‘ଟିମ୍ ଓଡ଼ିଶା’ ଆଭିମୁଖ୍ୟ ନେଇ ସମନ୍ୱୟ ଭାବେ ପରିଚାଳନା ହେବ ରଥଯାତ୍ରା

ଭୁବନେଶ୍ୱର,୧।୭
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ବୁଧବାର ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ପବିତ୍ର ରଥଯାତ୍ରା ପରବର୍ତ୍ତୀ ସମସ୍ତ କାର୍ଯ୍ୟ ଓ ଜନସେବା ବ୍ୟବସ୍ଥାକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ‘ଟିମ୍ ଓଡ଼ିଶା’ ଆଭିମୁଖ୍ୟରେ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ।



ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ, ଓଡ଼ିଶାର ବିକାଶ ଯାତ୍ରାକୁ ଅଧିକ ଗତିଶୀଳ କରିବା ପାଇଁ ତଥ୍ୟଭିତ୍ତିକ ନିଷ୍ପତ୍ତି, ପ୍ରଯୁକ୍ତିର ସର୍ବାଧିକ ବ୍ୟବହାର, ବିଭାଗୀୟ ସମନ୍ୱୟ, ସମୟବଦ୍ଧ କାର୍ଯ୍ୟାନ୍ୱୟନ ଏବଂ ନାଗରିକ କୈନ୍ଦ୍ରିକ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଲକ୍ଷ୍ୟ ହାସଲ ପାଇଁ ସମସ୍ତ ବିଭାଗକୁ ନିର୍ଦ୍ଧାରିତ ଲକ୍ଷ୍ୟ ଓ ସମୟସୀମା ଅନୁଯାୟୀ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ଼ଃ ଅରବିନ୍ଦ କୁମାର ପାଢ଼ୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଆରୁମୁଗମ୍, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଏବଂ ଅନ୍ୟ ସମସ୍ତ ବିଭାଗର ଶାସନ ସଚିବ ଓ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ବୈଠକର ପ୍ରାରମ୍ଭରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ରାଜ୍ୟ ସରକାରଙ୍କ ବିଭିନ୍ନ ଉଲ୍ଲେଖନୀୟ ଯୋଜନା ଓ କାର୍ଯ୍ୟକ୍ରମର ସଫଳତା ଯଥା ମହିଳା ଉଦ୍ୟୋଗୀ ପ୍ଲାଟଫର୍ମ (ଡବ୍ଲୁଇପି)ର ଶୁଭାରମ୍ଭ, କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା, ପୁଷ୍ଟିକର ଖାଦ୍ୟ ବ୍ୟବସ୍ଥାର ସୁଦୃଢ଼ୀକରଣ, ଯାନ୍ତ୍ରିକ ଓ ବୈଷୟିକ ଶିକ୍ଷାରେ ସଂରକ୍ଷଣ ବୃଦ୍ଧି ଏବଂ ରାଜ୍ୟର କ୍ରୀଡ଼ା, ଶିଳ୍ପ ଓ ଷ୍ଟାର୍ଟଅପ୍ କ୍ଷେତ୍ରର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ।

ରାଜ୍ୟରେ ସୁଶାସନକୁ ଅଧିକ ଫଳପ୍ରଦ, ସ୍ୱଚ୍ଛ ଓ ନାଗରିକକୈନ୍ଦ୍ରିକ କରିବା, ପ୍ରଯୁକ୍ତି ଓ ପ୍ରମାଣଭିତ୍ତିକ ନୀତି ନିର୍ମାଣକୁ ପ୍ରୋତ୍ସାହନ ଦେବା, ବିଭାଗୀୟ କାର୍ଯ୍ୟଦକ୍ଷତାର ସମୀକ୍ଷା ସହ ବିଭିନ୍ନ ପ୍ରମୁଖ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ଏହି ବୈଠକର ପ୍ରମୁଖ ପ୍ରସଙ୍ଗ ଥିଲା। ବୈଜ୍ଞାନିକ ଗବେଷଣା, ତଥ୍ୟ ବିଶ୍ଳେଷଣ ଏବଂ କ୍ଷେତ୍ରସ୍ତରୀୟ ପରୀକ୍ଷଣ ମାଧ୍ୟମରେ ସରକାରୀ ଯୋଜନାର ପ୍ରଭାବକୁ ଅଧିକ ସୁଦୃଢ଼ କରିବା ସହ ସମ୍ବଳର ସଠିକ୍ ବ୍ୟବହାର ଓ ଉତ୍ତମ ନୀତି (ପୃଷ୍ଠା ୭ରେ)

## ୩ ରୁ ୫ ଯାଏଁ ଓଡ଼ିଶାରେ ରହିବେ ଅମିତ ଶାହ

ଭୁବନେଶ୍ୱର,୧।୭
ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରଗୃହ ମନ୍ତ୍ରୀ ଅମିତ ଶାହା ୩ ରୁ ୫ ତାରିଖ ଯାଏ ଓଡ଼ିଶାରେ ରହିବେ। ସରକାରୀ କାର୍ଯ୍ୟକ୍ରମରେ ଆସୁଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ। ସମ୍ବଲପୁର, ଭଟଲି, (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ବଙ୍ଗୋପସାଗରରେ ୩ ତାରିଖ ସୁଦ୍ଧା ଲଘୁଚାପ ସୃଷ୍ଟିର ସମ୍ଭାବନା; ଓଡ଼ିଶାରେ ପ୍ରବଳ ବର୍ଷା ପୂର୍ବାନୁମାନ।
- ଯାଜପୁର ଉଦୟଗିରି ଐତିହ୍ୟସ୍ଥଳ ନିକଟରେ ଚାଲୁଥିବା ବିକାଶ କାମକୁ ବନ୍ଦ କରିବାକୁ ନିର୍ଦ୍ଦେଶ।
- ରାଜ୍ୟରେ ସର୍ବଭାରତୀୟ ଆୟୁର୍ବେଦ ସଂସ୍ଥା ପ୍ରତିଷ୍ଠା ପାଇଁ କେନ୍ଦ୍ରକୁ ପ୍ରସ୍ତାବ ପଠାଗଲା।
- ନବରଙ୍ଗପୁରରେ ପାଠ୍ୟପୁସ୍ତକ ତ୍ରୁଟିକୁ ନେଇ ବନ୍ଦ ପାଳନ।
- କେନ୍ଦ୍ରାପଡ଼ାରେ ଲୁଟେରାମାନେ ସୁନା ଲୁଟ୍ କରି ଫେରାର ହେଲେ।
- ଜୁଲାଇ ୩ରେ ଆରମ୍ଭ ହେବ ଅମରନାଥ ଯାତ୍ରା

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୦୭୮ (-୧୨୬)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୯୦୫ (-୧୧୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୫୫୯ (-୯୪)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୪୦ (+୫)

# ଓଡ଼ିଶା ରାଜନୀତିର ଅର୍ଦ୍ଧଶତାବ୍ଦୀର ପ୍ରତିଛବି ନିରଞ୍ଜନ ପଟ୍ଟନାୟକଙ୍କ ଆତ୍ମଜୀବନୀ ‘ସମୟ ସାକ୍ଷୀ’

ଭୁବନେଶ୍ୱର,୧।୭
ନ୍ୟୁଜ୍ ବ୍ୟୁରୋ

ବୁଧବାର ସନ୍ଧ୍ୟାରେ ଓୟୁଏଟିର କୃଷି ଶିକ୍ଷା ସଦନ ପ୍ରେକ୍ଷାଳୟରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ଆତ୍ମଜୀବନୀ ‘ସମୟ ସାକ୍ଷୀ’ ଏକ ଅଭିନବ ରୂପରେ ଲୋକାର୍ପିତ ହୋଇଯାଇଛି। ଏହି ପୁସ୍ତକକୁ ଜଣେ ସାଧାରଣ ଓଡ଼ିଆର କଥା ଭାବେ ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରିଥିବା ବେଳେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରୁ ୯ ଜଣ ସାଧାରଣ ଓଡ଼ିଆ ଏହାକୁ ଲୋକାର୍ପିତ କରିଥିଲେ। ସେମାନେ ହେଲେ ପ୍ରଫେସର ଦୁର୍ଯ୍ୟୋଧନ ନାହାକ, ମନ୍ମଥ ମହାରଣା, କରୋନା ସମୟରେ ପୁରୀରେ ରଥଯାତ୍ରା କରାଇବାକୁ ସୁପ୍ରିମକୋର୍ଟରେ ପିଟିସନ୍ ଦାଖଲ କରିଥିବା ନୟାଗଡର ମୁସଲମାନ ତରୁଣ ଅଫତାବ ହୁସେନ, ଡ. ପ୍ରଦୀପ ସେଠୀ, ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର, ବିଶିଷ୍ଟ ଗାନ୍ଧୀବାଦୀ ନେତ୍ରୀ କ୍ରିଷ୍ଣା ମହାନ୍ତି, ଶାନ୍ତିଲତା ରାଉଳ, ବାସନ୍ତୀ ମାଝୀ, ନିଜ ପତ୍ନୀଙ୍କ ଶବ ବୋହିଥିବା କଳାହାଣ୍ଡିର ଦାନ ମାଝୀ ଓ କେନାଲ ମଣିଷ ପଦ୍ମଶ୍ରୀ ଦୈତାରୀ ନାୟକ। ସେମାନେ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗଦେଇ ଏହି ପୁସ୍ତକର ଲୋକାର୍ପଣ କରିଥିଲେ।




ପ୍ରାରମ୍ଭରେ ନିରଞ୍ଜନ ପଟ୍ଟନାୟକଙ୍କ ରାଜନୈତିକ-ସାମାଜିକ ଜୀବନ ଓ ଶାସନକାଳ ଉପରେ ଆଧାରିତ ପ୍ରାମାଣିକ ଚିତ୍ର ପ୍ରଦର୍ଶନ କରାଯିବା ପରେ ସମୀକ୍ଷକ ଦାଶ ବେନହୁର ‘ସମୟର ସାକ୍ଷୀ’ ପୁସ୍ତକ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ସଂଘର୍ଷ ଓ ସଫଳତା ଭିତରେ ନିରଞ୍ଜନ ଯେଉଁ ରାସ୍ତା ଦେଇ ଆସିଛନ୍ତି, ତାହା ଯେତିକି ସ୍ମୃତି ବିଜଡିତ ସେତିକି ଚର୍ଚ୍ଚିତ। ଜଣେ ଶିଳ୍ପପତି ଭାବେ ସେ ଯେତିକି ପରିଚିତ, ଜଣେ ରାଜନେତା ଭାବେ ସେତିକି ଆଦୃତ। ଓଡ଼ିଶା ପ୍ରତି ଓଡ଼ିଆଙ୍କ ପ୍ରଗତି ପାଇଁ କିଛି କରିବାର ସଦିଚ୍ଛା ତାଙ୍କର କେତେ ସଫଳ ହୋଇଛି ଆଉ କେତେ ବାକି ଅଛି, (ପୃଷ୍ଠା ୭ରେ)

# ଛାତ୍ରଛାତ୍ରୀଙ୍କୁ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ନୂତନ ପାଠ୍ୟପୁସ୍ତକ ଯୋଗାଇଦିଆଯିବ

ଭୁବନେଶ୍ୱର,୧।୭
ନ୍ୟୁଜ୍ ବ୍ୟୁରୋ

ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଇଁ ଯଥା ଶୀଘ୍ର ତ୍ରୁଟିଶୂନ୍ୟ ନୂତନ ପାଠ୍ୟ ପୁସ୍ତକ ଯୋଗାଇ ଦିଆଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡ. ଏନ୍. ତିରୁମାଲା ନାୟକ ସୂଚନା ଦେଇଛନ୍ତି।

ସେ କହିଛନ୍ତି ପ୍ରଥମରୁ ଅଷ୍ଟମ ଶ୍ରେଣୀର ପାଠ୍ୟପୁସ୍ତକଗୁଡ଼ିକରେ ତ୍ରୁଟି ଥିବା ସରକାରଙ୍କ ନଜରକୁ ଆସିଥିଲା। ମୁଖ୍ୟମନ୍ତ୍ରୀ ଏହାର ଗୁରୁତ୍ୱକୁ ହୃଦୟଙ୍ଗମ କରି ପାଠ୍ୟପୁସ୍ତକରେ ଦେଖାଯାଇଥିବା ତ୍ରୁଟି କିପରି ହୋଇଥିଲା ଓ କେଉଁମାନେ ଏଥିରେ ଦାୟୀ ସେ ସମ୍ବନ୍ଧରେ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନକରି ବିଚାର କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ। କମିଟିର ସୁପାରିସ କ୍ରମେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ନେଇ ସାରିଛନ୍ତି ଏବଂ ପରବର୍ତ୍ତୀ ସମୟରେ ଆବଶ୍ୟକ ସ୍ଥଳେ କାର୍ଯ୍ୟାନୁଷ୍ଠାନ ନେବାପାଇଁ ନିଷ୍ପତ୍ତି ନେଇଛନ୍ତି। ପାଠ୍ୟପୁସ୍ତକରେ ଦେଖାଯାଇଥିବା ତ୍ରୁଟିକୁ ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ଗୁରୁତର ସହିତ ନେଇଛନ୍ତି ଓ ଛାତ୍ରଛାତ୍ରୀମାନଙ୍କୁ ତ୍ରୁଟିଶୂନ୍ୟ ପାଠ୍ୟପୁସ୍ତକ ମାଧ୍ୟମରେ ଶିକ୍ଷା ପ୍ରଦାନ କରିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ବର୍ତ୍ତମାନ ଏହି ତ୍ରୁଟିଗୁଡ଼ିକୁ ତର୍ଜମା କରାଯାଉଛି ଓ ବିଶେଷଜ୍ଞମାନଙ୍କର ପରାମର୍ଶ ନିଆଯାଉଛି। ଖୁବ୍‌ଶୀଘ୍ର ସଂଶୋଧିତ ବହି ବିଭାଗୀୟ ୱେବସାଇଟ୍ / ଓସେପା ୱେବ୍‌ସାଇଟ୍‌ରେ ଶିକ୍ଷାବିତ୍ ତଥା ଜନସାଧାରଣଙ୍କ ମତାମତ ନିମନ୍ତେ ଦିଆଯିବ। ସମସ୍ତଙ୍କର ମତାମତକୁ (ପୃଷ୍ଠା ୭ରେ)

# ସ୍ୱଦେଶୀ ପଦ୍ଧତି ବ୍ୟବହାର କରି ଯୁଦ୍ଧ ଜିତିବା ଆମର ବଡ଼ ଲକ୍ଷ୍ୟ : ସେନା ମୁଖ୍ୟ

ନୂଆଦିଲ୍ଲୀ,୧।୭

ଦାୟିତ୍ୱ ଗ୍ରହଣ କରିବା ପରେ ବୁଧବାର ଦିନ ସାଉଥ୍ ବ୍ଲକ୍ ଲନ୍ ଠାରେ ନୂତନ ସେନାଧ୍ୟକ୍ଷ ଜେନେରାଲ ଧୀରଜ ସେଠଙ୍କୁ ପ୍ରଥମ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇ ଥିଲା। ଏହାପରେ ସେ ତାଙ୍କ ପିତା ଲେଫ୍ଟନାଣ୍ଟ ଜେନେରାଲ କେ.ଏମ. ସେଠ୍ (ଅବସର ପ୍ରାପ୍ତ) ଏବଂ ସାନ ଭାଇ ରିଅର ଆଡମିରାଲ ରବନୀଶ ସେଠଙ୍କୁ ଅଭିବାଦନ ଜଣାଇଥିଲେ। ନିଜର ପ୍ରଥମ ଭାଷଣରେ ସେ କହିଥିଲେ ଯେ ଆମର ସବୁଠାରୁ ବଡ଼ ଲକ୍ଷ୍ୟ ହେବ ସ୍ୱଦେଶୀ ପଦ୍ଧତି ବ୍ୟବହାର କରି ଯୁଦ୍ଧ ଜିତିବା। ଆମେ ଆମ ସୀମା ଉପରେ ନିରନ୍ତର ନଜର ରଖିବୁ ଏବଂ ଜାତୀୟ ସୁରକ୍ଷା ପ୍ରତି ଯେକୌଣସି ଆହ୍ୱାନର ପ୍ରଭାବଶାଳୀ ମୁକାବିଲା ପାଇଁ ଉଚ୍ଚ ସ୍ତରର ପରିଚାଳନା ପ୍ରସ୍ତୁତି ବଜାୟ ରଖିବୁ।

ଜାତୀୟ ପ୍ରତିରକ୍ଷା ଏକାଡେମୀ, ଖଡକୱାସଲାର ପୂର୍ବତନ ଛାତ୍ର, ଜେନେରାଲ ସେଠ ହେଉଛନ୍ତି ସଶସ୍ତ୍ର ବାହିନୀର ପ୍ରଥମ ଅଧିକାରୀ ଯିଏକି ୧୯୯୭ରେ ୨୦ ଲାନ୍ସର୍ସର ଜେନେରାଲ ଶଙ୍କର ରୟ ଚୌଧୁରୀଙ୍କ ଅବସର ପରେ ସେନା କର୍ମଚାରୀଙ୍କ ମୁଖ୍ୟ ହୋଇଥିଲେ। ସେ ଏକ ବିଶିଷ୍ଟ ସାମରିକ ପରିବାରରୁ ଆସିଛନ୍ତି।

## ଅକ୍ଟୋବର ସୁଦ୍ଧା ଶେଷ ଏସ୍‌ଆଇ ପରୀକ୍ଷା

ଭୁବନେଶ୍ୱର,୧।୭
ନ୍ୟୁଜ୍ ବ୍ୟୁରୋ

ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ଶେଷ ଏସଆଇ ପରୀକ୍ଷା ଅନୁଷ୍ଠିତ ହେବ। ଓୟୁଏସଏସଏସସି ଅଧ୍ୟକ୍ଷ ରଶ୍ମି ରଞ୍ଜନ ସ୍ୱାଇଁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଶ୍ନପତ୍ର ଲିକ୍ ପାଇଁ ବଞ୍ଚିତ ଛାତ୍ରଛାତ୍ରୀ ପରୀକ୍ଷା ଦେଇପାରିବେ। ବୟସ ଅତିକ୍ରମ ହୋଇଯାଇଥିଲେ ବି ପରୀକ୍ଷା ଦେଇ ପାରିବେ। ଆବେଦନକାରୀଙ୍କ ସଂଖ୍ୟାରେ ମଧ୍ୟ ପରିବର୍ତ୍ତନ ହେବନି। ପରୀକ୍ଷା ପାଟର୍ଣ୍ଣ, ସିଲାବସ୍‌ରେ କୌଣସି ପ୍ରକାର ପରିବର୍ତ୍ତନ ହେବନି। ତ୍ରୁଟିଶୂନ୍ୟ ପରୀକ୍ଷା କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।





## ଏକାଳ ପଖାଳ



ଭୁଲ୍ ଭାଲ୍ ବହି ବଣ୍ଟା ଚାଲିଛି
ଏପଟେ ବାବୁଙ୍କ କଥା !
ନେଟ୍‌ୱର୍କ ନାହିଁ ସବୁଠି ଏବେବି
ୱେବସାଇଟି ପନ୍ଥା ?
ବାଆକୁ ଭରସା ବଉା
ମୁଣ୍ଡ ପିଟୁଥାନ୍ତି ପିଲା... ବାପା... ମା’
ଏଗୁଡ଼ା ମୁସ୍କିଲ ଚିନ୍ତା !!

# ସ୍ପେନ୍‌ରେ ହିଟ୍‌ୱେଭ୍‌ରେ ଜୁନ୍‌ରେ ୧୦୨୮ ମୃତ ; ହଙ୍ଗେରୀ ଓ ସ୍ଲୋଭାକିଆରେ ପାଣିର ସଙ୍କଟ



ନୂଆଦିଲ୍ଲୀ,୧।୭

ଜୁନ୍ ଶେଷ ଭାଗରେ ୟୁରୋପରେ ଦେଖା ଦେଇଥିବା ତୀବ୍ର ଗ୍ରୀଷ୍ମପ୍ରବାହ ମହାଦେଶର ବିଭିନ୍ନ ଦେଶକୁ ପ୍ରଭାବିତ କରିଛି। ଜୁନ୍‌ରେ ହିଟ୍‌ୱେଭ୍ ଯୋଗୁ ସ୍ପେନରେ ୧୦୨୮ ଲୋକଙ୍କ ମୃତ୍ୟୁ ହୋଇଛି। କାର୍ଲୋସ ୩ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁଯାୟୀ, ଗତ ସପ୍ତାହରେ ୟୁରୋପରେ ଦେଖାଦେଇ ଥିବା ତୀବ୍ର ଗ୍ରୀଷ୍ମ ପ୍ରବାହ ସମୟରେ ସ୍ପେନରେ ଅତି କମ୍‌ରେ ୧୦୨୮ ଜଣଙ୍କର ମୃତ୍ୟୁ ରେକର୍ଡ କରାଯାଇଛି।

ସ୍ପେନରେ ୨୦୨୬ ମସିହାରେ ଜାନୁଆରୀରୁ ଜୁନ୍ ପର୍ଯ୍ୟନ୍ତ ସର୍ବାଧିକ ଉତ୍ତପ୍ତ ସମୟ ଥିଲା, ହାରାହାରି ତାପମାତ୍ରା ସ୍ୱାଭାବିକଠାରୁ ୧.୬ ଡିଗ୍ରୀ ସେଲସିୟସ୍ ଅଧିକ ଥିଲା ବୋଲି ଜାତୀୟ ପାଣିପାଗ ସଂସ୍ଥା ଆମେଟ୍ ବୁଧବାର କହିଛି। ଜୁନ୍ ୨୦୨୬ ସ୍ପେନ ଦ୍ୱିତୀୟ ସର୍ବାଧିକ ଉଷ୍ମ ଜୁନ୍ ମାସ ରହିଛି। ଗତବର୍ଷ ସ୍ପେନରେ ଜୁନରେ ୪୦୭ ଜଣ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ଚଳିତ ବର୍ଷ ଦୁଇଗୁଣରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି।

ୟୁରୋପରେ ଶହ ଶହ ଲୋକଙ୍କ ଜୀବନ ନେଇଥିବା ଭୟଙ୍କର ଗ୍ରୀଷ୍ମ ପ୍ରବାହ ସହିତ ସଂଘର୍ଷ ଜାରି ରହିଥିବା ବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମୁଖ୍ୟ ଟେଡ୍ରୋସ୍ (ପୃଷ୍ଠା ୭ରେ)

# ଜୁନ୍‌ରେ ଓଡ଼ିଶାର ଜିଏସ୍‌ଟି ଆଦାୟ ୭% ବୃଦ୍ଧି

ଭୁବନେଶ୍ୱର,୧।୭
ନ୍ୟୁଜ୍ ବ୍ୟୁରୋ

ଦେଶରେ ଜିଏସଟି ଆଦାୟରେ ଜୁନରେ ଉଲ୍ଲେଖନୀୟ ବୃଦ୍ଧି ଦେଖାଯାଇଛି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପ୍ରକାଶ କରିଥିବା ପ୍ରାଥମିକ ତଥ୍ୟ ଅନୁସାରେ ଜୁନରେ ଦେଶର ମୋଟ ଜିଏସଟି ଆଦାୟ ୧,୯୪,୮୧୨ କୋଟି ଟଙ୍କାରେ ପହଞ୍ଚିଛି। ଯାହା ୨୦୨୫ ଜୁନର ୧,୭୧,୧୦୫ କୋଟି ଟଙ୍କା ତୁଳନାରେ ୧୩.୯ ପ୍ରତିଶତ ଅଧିକ।

ଓଡ଼ିଶାରେ ମଧ୍ୟ ଜିଏସଟି ଆଦାୟରେ ସକାରାତ୍ମକ ଧାରା ଜାରି ରହିଛି। ରାଜ୍ୟର ଜିଏସଟି ସଂଗ୍ରହ ୨୦୨୫ ଜୁନରେ ୪,୨୦୨ କୋଟି ଟଙ୍କା ଥିବାବେଳେ ଚଳିତ ବର୍ଷ ଜୁନରେ ଏହା ବଢ଼ି ୪,୪୯୭ କୋଟି ଟଙ୍କାରେ ପହଞ୍ଚିଛି। ଅର୍ଥାତ ରାଜ୍ୟରେ ୭ ପ୍ରତିଶତ ବାର୍ଷିକ ବୃଦ୍ଧି ରେକର୍ଡ ହୋଇଛି।




ଯଦିଓ ଓଡ଼ିଶାର ବୃଦ୍ଧି ଜାତୀୟ ହାର ୧୩.୯%ଠାରୁ କମ୍, ତଥାପି ରାଜ୍ୟରେ କ୍ରମାଗତ ଭାବେ କର ଆଦାୟ ବଢୁଥିବା ଓ ଆର୍ଥିକ କାର୍ଯ୍ୟକଳାପ ସ୍ଥିର ରହିଥିବାର ସଙ୍କେତ ମିଳୁଛି। ଓଡ଼ିଶାର ଆଦାୟ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ (୨,୦୩୩ କୋଟି), ବିହାର (୧,୬୦୦ କୋଟି) ଓ ଛତିଶଗଡ଼ (୨,୭୬୦ କୋଟି) (ପୃଷ୍ଠା ୭ରେ)

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ମୌସୁମୀର ଲୁଚକାଳି ଚାଷୀଙ୍କ ମୁଣ୍ଡରେ ଚଡକ

ଦୁର୍ବଳ ମୌସୁମୀ ଯୋଗୁଁ ଆକାଶରୁ ମେଘ ଗାଏବ। ସ୍ୱାଭାବିକ ବର୍ଷା ନ ହେବାରୁ ଗଜା ମରୁଡି ଆଶଙ୍କାରେ ମୁଣ୍ଡରେ ହାତ ଦେଇ ଚିନ୍ତାରେ ବସିଛନ୍ତି ଚାଷୀ । ବର୍ଷା ବଦଳରେ ଆଷାଢ଼ରେ ଟାଣଖରା। ଧାନ ବୁଣି ଆକାଶକୁ ଚାହିଁ ରହିଛି ଚାଷୀ । ନିଅଣ୍ଟିଆ ବର୍ଷା ଗଜା ମରୁଡ଼ି ଆଣିବା ଆଶଙ୍କା ସୃଷ୍ଟି କରିଛି । ଚଳିତ ବର୍ଷ ବର୍ଷାରେ ବିଳମ୍ବ ହେଉଥିବାରୁ ଖରିଫ ଚାଷ ପଛେଇ ଯାଇଛି । ଚାଷୀ ବିଲରେ ହଳ କରିବା ସହ ଧାନ ବୁଣି ବର୍ଷା ପାଇଁ ଆକାଶକୁ ଅନାଇ ରହିଛି । ପ୍ରତି ବର୍ଷ ଜୁନ୍ ପ୍ରଥମ ସପ୍ତାହରେ ମୌସୁମୀ ଜନିତ ବର୍ଷା ଆରମ୍ଭ ହୋଇଥାଏ । ହେଲେ ଚଳିତ ବର୍ଷ ଜୁନ୍ ଶେଷ ହେବା ପରେ ବି ଆକାଶରେ ମେଘ ଦେଖୁବାକୁ ମିଳୁନାହିଁ । ଏଭଳି ପରିସ୍ଥିତିରେ ଖରିଫ ଚାଷ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି । ସେପଟେ କେନ୍ଦ୍ର କୃଷି ମନ୍ତ୍ରଣାଳୟ ପକ୍ଷରୁ କମ୍ ବର୍ଷା ଏବଂ ଅପର୍ଯ୍ୟାପ୍ତ ଜଳସେଚନ ପାଇଁ ସମ୍ଭାବ୍ୟ ମରୁଡ଼ି ଜିଲ୍ଲା ଚିହ୍ନଟ କରିଛନ୍ତି । ସାରା ଦେଶରେ ପ୍ରାୟ ୩୧୫ ଜିଲ୍ଲା ଦୁର୍ବଳ ମୌସୁମୀ ପରିସ୍ଥିତି ଦ୍ୱାରା ପ୍ରଭାବିତ ହେବା ନେଇ ଆଶଙ୍କା ଦେଖା ଦେଇଛି । ଏଥିମଧ୍ୟରୁ ୧୧୧ ଜିଲ୍ଲାକୁ ଉଚ୍ଚ ପ୍ରାଥମିକତା ବର୍ଗରେ ବର୍ଗୀକୃତ କରାଯାଇଛି, ଯେଉଁଠାରେ ଜଳସେଚ ୨୫ ପ୍ରତିଶତରୁ କମ୍ ରହିଛି । ଅନ୍ୟ ୭୬ ଜିଲ୍ଲା ମଧ୍ୟମ ଜଳସେଚନ ବର୍ଗରେ ରହିଛି । ଏଠାରେ ୨୫ରୁ ୫୦ ପ୍ରତିଶତ ମଧ୍ୟରେ ଜଳସେଚନ ସ୍ଥିତି ରହିଛି । ଏହି ଜିଲ୍ଲାଗୁଡ଼ିକ ଓଡ଼ିଶା ସମେତ ୧୨ଟି ରାଜ୍ୟରେ ରହିଛି । ରାଜ୍ୟ କୃଷି ବିଭାଗର ସୂଚନା ଅନୁସାରେ ଆମ ରାଜ୍ୟର ୧୪ଟି ଜିଲ୍ଲାର ୨୫ ବ୍ଲକରେ ୩୫%ରୁ କମ ଜଳସେଚନ ହୋଇଛି । ଫଳରେ ଚଳିତବର୍ଷ ଯଦି ଏଲନିନୋ ପ୍ରଭାବରେ ସ୍ୱଳ୍ପ ବର୍ଷା ହୁଏ, ତେବେ ଏହି ବ୍ଲକଗୁଡ଼ିକରେ ଚାଷ ନଷ୍ଟ ହେବାର ସମ୍ଭାବନା ଦେଖା ଦେଇଛି । ଜଗତସିଂହପୁର ଜିଲ୍ଲାର ଏରସମା ଓ ନୂଆଗାଁ ବ୍ଲକରେ ୩୫%ରୁ କମ୍ ଜଳସେଚନ ହୋଇଛି। ସେହିପରି କଳାହାଣ୍ଡି ଜିଲ୍ଲାର ଥୁଆମୁଳ ରାମପୁର, କନ୍ଧମାଳର ଜି ଉଦୟଗିରି, ଦାରିଙ୍ଗବାଡ଼ି ଓ କୋଟଗଡ଼, କେନ୍ଦ୍ରାପଡ଼ାର ରାଜନଗର, କେନ୍ଦୁଝରର ବାଂଶପାଳ ଓ ଆନନ୍ଦପୁର, ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ବ୍ଲକ, କୋରାପୁଟର ବୈପାରୀଗୁଡ଼ା, ନନ୍ଦପୁର, ଲମତାପୁଟ ଓ ଦଶମନ୍ତପୁର, ମାଲକାନଗିରିର ଖଇରପୁଟ, ମୟୂରଭଞ୍ଜର ବିଶୋୟୀ ଓ ବହଳଦା, ନବରଙ୍ଗପୁରର ତେନ୍ତୁଳିଖୁଣ୍ଟି ଓ ପାପଡ଼ାହାଣ୍ଡି, ନୟାଗଡ଼ର ଭାପୁର ଓ ନୂଆଗାଁ, ପୁରୀର କୃଷ୍ଣପ୍ରସାଦ ଓ ଅସ୍ତରଙ୍ଗ, ରାୟଗଡ଼ାର କାଶିପୁର ଓ ସୁନ୍ଦରଗଡ଼ର କୋଇଡ଼ା ବ୍ଲକରେ ଏବେ ବି ୩୫%ରୁ କମ୍ ଜଳସେଚନ ହୋଇଛି । ଚଳିତବର୍ଷ ମାର୍ଚ୍ଚ ୧୯ ତାରିଖରେ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି। ତେବେ ରାଜ୍ୟରେ ଯଦି ବର୍ଷା ପରିମାଣ କମ ରହେ, ତେବେ ବିଭିନ୍ନ ସ୍ଥାନରେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି । ଲୋକମାନଙ୍କୁ ପିଇବା ପାଣିଠୁ ଆରମ୍ଭ କରି ଚାଷ କାର୍ଯ୍ୟରେ ସହାୟତା ପାଇଁ ଆବଶ୍ୟକ ଜଳ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଉଲ୍ଲେଖଯୋଗ୍ୟ, ରାଜ୍ୟରେ ୨୦୨୫ ଡିସେମ୍ବର ସୁଦ୍ଧା ପ୍ରାୟ ୫୨ ଲକ୍ଷ ୧୦ ହଜାର ୫୭୦ ହେକ୍ଟର ଜମିରେ ସେଚ ସାମର୍ଥ୍ୟ ସୃଷ୍ଟି କରାଯାଇଛି । ବରଗଡ଼ରେ ସର୍ବାଧିକ ୪୧୭.୪୯୮ ହେକ୍ଟର ଜମିରେ ଜଳସେଚନ ସୁବିଧା ଥିବା ବେଳେ ଗଜପତିରେ ସର୍ବନିମ୍ନ ୫୦.୦୬୬ ହେକ୍ଟର ଜମିକୁ ଜଳସେଚନ ସୁବିଧା ରହିଛି ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ଧୂର୍ତ୍ତ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଅତି ଧୂର୍ତ୍ତ ବହୁତ ଖରାପ । ତୁମେ ଯେତେ ଘୋଡାଇ ହେଲେବି ତୁମର ଧୂର୍ତ୍ତତାକୁ କେହିନା କେହି ଦେଖି ଚାଲିଛି । କେହି ନଦେଖିଲେ ବି ଈଶ୍ୱର ଦେଖୁଛନ୍ତି। ଏହାର କାରଣ ହେଉଛି ମୂର୍ଖତା । ଅନ୍ୟକୁ ହେୟ ଜ୍ଞାନ କରିବା । ଅହଂକାର କରିବା, ଅତିଧୂର୍ତ୍ତ ହିଁ ଅହଂକାର । ତେଣୁ ଦିନେ ନା ଦିନେ ତୁମର ଧୂର୍ତ୍ତ ବା ଚାଲାକ ପଣିଆ ସମାଜର ଆଦୃତ ହେବା ପ୍ରତ୍ୟେକ ମୁହୂର୍ତ୍ତର କର୍ମ, ପ୍ରତ୍ୟେକ ଦିନର କର୍ମ, ପ୍ରତ୍ୟେକ ମାସର କର୍ମ, ପ୍ରତ୍ୟେକ ବର୍ଷର କର୍ମ ଭିତରେ ତୁମର ଧୂର୍ତ୍ତ ବୁଦ୍ଧିର ପାହାଡ ସାରା ଦେଶ ବା ବିଶ୍ୱରୁ ବ୍ୟାପିଯାଇ ତୁମକୁ ତୁମରି ଫାନ୍ଦରେ ହିଁ ପକାଇ ଲୋକ ଲୋଚନକୁ ଆଣିଦିଏ ତୁମକୁ କର୍ମଫଳ ଯେମିତି ଧୃତରାଷ୍ଟ୍ର ଜଣେ ଏତେ ବଡ ପ୍ରଭାବଶାଳୀ ମହାରାଜା ନିଜର ସଂସାରର ମୋହରେ ପଡି ନିଜର ସଂସାରକୁ ଛାରକାର କରିଦେଲା। ଏହା ହିଁ ସତ୍ୟ, ଯୁଗେ ଯୁଗେ ପ୍ରତିଯୁଗେ ଏହି ସନ୍ଦେଶ ଈଶ୍ୱର ଆମକୁ ଦେଇଚାଲିଛନ୍ତି । କିନ୍ତୁ ତଥାପି ଆମେ ଭୁଲବାଟରେ ଯାଉଛୁ। ଏହାର ତାତ୍ପର୍ଯ୍ୟ ହେ ଭକ୍ତରୂପେ ଭକ୍ତ କି ଶିଷ୍ୟ ହୁଅ ମନାନାହିଁ । କିନ୍ତୁ ତୁମ୍ଭେମାନେ ଅନ୍ୟର ଦୁଃଖକୁ ଦେଖି ପରିହାସ କରନାହିଁ କି ତୁମ ପରିଭକ୍ତକୁ କଷ୍ଟ ଦିଅନାହିଁ । କାୟ, ମନ, ବାକ୍ୟରେ ଆଉ ଯଦି ଦେଉଥାଅ ସେ ନିଆଁରୁ ତୁମକୁ କେହି ରକ୍ଷା କରିପାରିବେନାହିଁ। ତେଣୁ କଥାରେ ଅଛି "ଜୀବଟି ଜଗନ୍ନାଥ ହୋଇ ଅଗ୍ନିଟି ଅନନ୍ତ ଗୋସାଇଁ" ତେଣୁ ସାଧୁ ସାବଧାନ ନଚେତ୍ ଠକିଯିବଟି । ହରି ଓଁ

# ଅଜୟା ନଦୀ କୂଳର ବାଉଲ୍ ମେଳା



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ବୀରଭୂମ ଜିଲ୍ଲା ଅଜୟା ନଦୀ କୂଳସ୍ଥ କେନ୍ଦୁଲୀ ଗ୍ରାମରେ ପ୍ରତି ବର୍ଷର ପୌଷ ମାସ ସଂକ୍ରାନ୍ତିରେ ଆୟୋଜିତ ହୁଏ ପୌଷ ଉତ୍ସବର ବାଉଲ୍ ମେଳା। ଯାହାକି ଜୟଦେବ ମେଳା ଭାବେ ପ୍ରଚାରିତ। ପୁଣି ଶ୍ରୀଗୀତଗୋବିନ୍ଦର ଭାବ ଧାରା ବାଉଲ୍ ତତ୍ତ୍ୱରେ ରହିଛି ବୋଲି କେତେକଙ୍କର ଯୁକ୍ତି ରହିଛି। ତେବେ ଏହି ବାଉଲ ସଂପ୍ରଦାୟ କଣ ଓ ଏପରି ପ୍ରଚାରର କେତେଦୂର ସଠିକତା ରହିଛି ତାହା ନିମ୍ନୋକ୍ତ ଆଲୋଚନାରୁ ଜଣାପଡ଼େ। ହିନ୍ଦୁ ଓ ମୁସଲିମ୍ ଧର୍ମର ମୌଳିକବାଦୀମାନଙ୍କ ପ୍ରଭାବରେ ଯେତେବେଳେ ଭାରତବର୍ଷର ଧର୍ମ ଓ ସଂସ୍କୃତି ଧନୀ ଓ ଗରିବ ଏହିଭଳି ଦୁଇଟି ଭାଗରେ ବିଭକ୍ତ ହୋଇଗଲା ସେତେବେଳେ ଦଳିତ ଓ ନିଷ୍ପେସିତ ଶ୍ରେଣୀର ଲୋକେ ନିଜର ପୂଜିତ ଦେବୀ ଓ ଦେବତାମାନଙ୍କୁ ନେଇ ଗୋଟିଏ ଅଲଗା ଧର୍ମର ସୃଷ୍ଟି କରିବା ନିମନ୍ତେ ବାଧ୍ୟ ହୋଇଥିଲେ। ଯାହା ଫଳରେ ସେତେବେଳେ ସେମାନେ ଏକ ସ୍ୱତନ୍ତ୍ର ଧାର୍ମିକ ମାର୍ଗରେ ଅଗ୍ରସର ହେଲେ। ସେମାନଙ୍କ ପାଖରେ ନଥିଲା ଅର୍ଥ କି ଶିକ୍ଷା। କିନ୍ତୁ ସେହି ଅଶିକ୍ଷିତ ଗରିବ ଲୋକମାନେ ନିଜର ବିଚାର ଓ ବୁଦ୍ଧି ବଳରେ ସ୍ୱତନ୍ତ୍ର ଧର୍ମ ନିଜେ ସୃଷ୍ଟି କରିପାରିଥିଲେ। ବୌଦ୍ଧଧର୍ମର ଲାମାତନ୍ତ୍ର ସହ ଆଦିବାସୀମାନଙ୍କର ପ୍ରକୃତି ପୂଜାକୁ ଏକାଠି କରି ସେମାନେ ସେମାନଙ୍କର ସାଧନାର ପଥ ସ୍ଥିର କରିନେଇଥିଲେ। ଏହିପରି ଭାବରେ ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ହିଁ ଅବିଭକ୍ତ ଭାରତବର୍ଷର ଉତ୍ତରପୂର୍ବ ଅଞ୍ଚଳରେ ଏପରି ଏକ ଶକ୍ତିଶାଳୀ ଭକ୍ତି ଆନ୍ଦୋଳନର ସୂତ୍ରପାତ ହୋଇଥିଲା। ଯେଉଁମାନଙ୍କର ଏପରି ଧର୍ମ ସହ ସଂପୃକ୍ତି ରହିଲା ସେହିମାନେ ହିଁ ହେଲେ ବାଉଲ୍ ସଂପ୍ରଦାୟ। ମୁଖ୍ୟତଃ ବର୍ତ୍ତମାନର ପଶ୍ଚିମବଙ୍ଗ ଓ ବଙ୍ଗଳା ଦେଶରେ ସେମାନଙ୍କର ବସତି ଥିବା ଦେଖାଯାଏ। ଅବଶ୍ୟ ଦେଶର ବିଭିନ୍ନ ସ୍ଥାନରେ ଏବେ ସେମାନେ ବସତି ଆରମ୍ଭ କରିଦେଲେଣି। ସେମାନେ ମେଳ ହୋଇ ଯେଉଁଠାରେ ରହନ୍ତି ତାହାକୁ ଆଖଡ଼ା କୁହାଯାଏ। ପୁରୁଷ ଓ ନାରୀମାନେ ଯୋଗୀମାନଙ୍କ ଭଳି ଅଙ୍ଗରଖା ପିନ୍ଧିଥାନ୍ତି। ତେବେ କେତେକ ନାରୀ ବାଉଲୀନ୍ ଶାଢ଼ୀ ପିନ୍ଧିବାର ଦେଖାଯାଏ। ପୁରୁଷମାନେ କାନ୍ଧ ପର୍ଯ୍ୟନ୍ତ ଲମ୍ବା ବାଳ ମୁଣ୍ଡରେ ରଖିଥିବାବେଳେ ସ୍ତ୍ରୀଲୋକମାନେ ସେମାନଙ୍କର ଘନ ଲମ୍ବା ବାଳକୁ ଜୁଡ଼ା କରି ମୁଣ୍ଡ ଉପରେ ବାନ୍ଧି ଦେଇଥାନ୍ତି। ବାଉଲ୍‌ମାନେ ନାକଠାରୁ ମଥା ପର୍ଯ୍ୟନ୍ତ ଶ୍ୱେତ ଚନ୍ଦନର ତିଳକ ଲଗାଇଥାନ୍ତି ଓ ହାତରେ କାଠ ତିଆରି ଖଞ୍ଜଣି ଓ ଏକତାରା ଧରି ସଙ୍ଗୀତ ବୋଲି ବଙ୍ଗଳାର ଗ୍ରାମମାନଙ୍କରେ ଘୂରିବୁଲୁଥାନ୍ତି। ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିଆନମାନଙ୍କ ଭକ୍ତି ସଙ୍ଗୀତମାନ ସେମାନେ ଗାଇଥାନ୍ତି। ତେଣୁ ସେହିସବୁ ସଙ୍ଗୀତ ଉପରେ କୌଣସି ନିର୍ଦ୍ଦିଷ୍ଟ ସଂପ୍ରଦାୟର ପ୍ରଭାବ ପଡ଼ି ନଥାଏ। ବଙ୍ଗ ଦେଶର ବିଶ୍ୱ କବି ରବୀନ୍ଦ୍ରନାଥ ଠାକୁର ମଧ୍ୟ ଏହି ବାଉଲ୍ ସଂସ୍କୃତି ପ୍ରତି ବିଶେଷ ଆକୃଷ୍ଟ ହୋଇ ପଡ଼ିଥିଲେ। ତାଙ୍କରି ଦ୍ୱାରା ହିଁ ବିଶ୍ୱ ଭାରତୀର ପୌଷ ଉତ୍ସବରେ ଆରମ୍ଭ ହୋଇଥିଲା ବାଉଲ୍ ମେଳା। ବର୍ତ୍ତମାନ ଏହି ବାଉଲ୍ ସଂସ୍କୃତି ବଙ୍ଗଳାର ନିଜ ସଂସ୍କୃତି ସହ ପ୍ରାୟଶଃ ମିଶିଗଲାଣି। ବାଉଲ୍ ଜୀବନ ଏକ ଅଜ୍ଞାତ ପକ୍ଷୀର ସନ୍ଧାନରେ ଘୁରି ବୁଲିଥାଏ। ଦେହ ତତ୍ତ୍ୱ ଦ୍ୱାରା ଶରୀର ସାଧନା ବା ଚନ୍ଦ୍ରସିଦ୍ଧି ପରେ ସେହି ଅଜ୍ଞାତ ପକ୍ଷୀକୁ ଖୋଜି ହୁଏ। ସେମାନଙ୍କର ତତ୍ତ୍ୱ ଅନୁସାରେ ପ୍ରେମ ହିଁ ସମ୍ଭୋଗରୁ ସମାଧି ପର୍ଯ୍ୟନ୍ତ ପହଞ୍ଚାଇ ଦେଇଥାଏ। ବୌଦ୍ଧମାନଙ୍କର ମହାଯାନ, ହିନ୍ଦୁମାନଙ୍କର ଶକ୍ତି ଓ ବାମାଚାରମାନଙ୍କର ତନ୍ତ୍ର ସାଧନାରେ ଏଥିପାଇଁ ବାଟ ଉନ୍ମୁକ୍ତ ରହିଛି। ଅନ୍ୟ ଅର୍ଥରେ ତାହାକୁ କାମ ବାସନା କୁହାଯାଏ। ହିନ୍ଦୁ ସମାଜର ବ୍ରାହ୍ମଣ, କାୟସ୍ଥ, କ୍ଷତ୍ରିୟ ଓ ମୁସଲମାନ ସଂପ୍ରଦାୟର ଅସରଣ, ଅତରଣ ଓ ଅରଜୋଲ୍‌ମାନଙ୍କର ବାଉଲ୍‌ମାନଙ୍କ ସହିତ ମିଶିବା ପାଇଁ ନିଷିଦ୍ଧ ଥାଏ। ବାଉଲ୍ ହେବା ପାଇଁ କୌଣସି ଜାତି ଧର୍ମର ସୀମା ନଥାଏ। ହିନ୍ଦୁମାନଙ୍କର ବ୍ରାହ୍ମଣ ତତ୍ତ୍ୱ, ମୁସଲମାନମାନଙ୍କର ସୟଦ୍ ଓ ସେଖ୍ ତତ୍ତ୍ୱ ସହ ଉଚ୍ଚ, ନିଚ୍ଚ ଜାତି ଭେଦ ସେମାନଙ୍କ ମଧ୍ୟରେ ଚଳେ ନାହିଁ। ହିନ୍ଦୁମାନଙ୍କର ବେଦାନ୍ତବାଦ ବା ମୁସଲମାନମାନଙ୍କର ସରିୟାତ୍‌ରେ ସେମାନଙ୍କର ବିଶ୍ୱାସ ନଥାଏ। ଗୁରୁମାନଙ୍କ ଦ୍ୱାରା ବାଉଲ୍‌ମାନେ ଶରୀର ତତ୍ତ୍ୱ ଉପରେ ସାଧନା କରିବାକୁ ଏକାଠି ରହିଥାନ୍ତି। ନିଜ ଶରୀର ଉପରେ ସାଧନା କରି ସେମାନେ ସମସ୍ତ କଥା ଜାଣି ପାରନ୍ତି। ସେମାନଙ୍କର ତତ୍ତ୍ୱ ହେଲା ଭଗବାନ ମଣିଷକୁ ସୃଷ୍ଟି କରି ତା' ମଧ୍ୟରେ ଆତ୍ମାକୁ ରଖିଛନ୍ତି। ଆଖି ପଲକରେ ସେହି ଆତ୍ମା ଥରେ ବାହାରକୁ ଚାଲିଆସି କହିଲେ, "ପ୍ରଭୁ! ସେହି ଶରୀର ମଧ୍ୟରେ ଅଛି କାମ, କ୍ରୋଧ ଓ ଲୋଭର ଜ୍ୱଳନ କଷ୍ଟ। ତେଣୁ ଏହିଭଳି ଶରୀରରେ ମୁଁ ରହିବି କେଉଁଠି ?" ସେଥିପାଇଁ ସେତେବେଳେ ଭଗବାନ ତାକୁ ମଣିଷର ଛାତି ତଳେ ଯେଉଁ ହୃଦୟ ରହିଛି ତା' ଠାରୁ ଦୁଇ ଅଙ୍ଗୁଳି ତଳକୁ 'ଲାଘର' ତିଆରି କରି ରଖିଛନ୍ତି ଯେଉଁଠାକୁ ପାପ କେବେ ହେଲେ ପହଞ୍ଚି ପାରିବ ନାହିଁ। ତେଣୁ ସେହିଠାରେ ହିଁ ଆତ୍ମା ଭଗବାନଙ୍କ ଅନନ୍ତ ଜ୍ୟୋତି ଭିତରେ ରହିଥାଏ। ବାଉଲ୍‌ମାନଙ୍କର ଧାରଣାରେ ସେହି ଆତ୍ମା ହିଁ ଅଜଣା ପକ୍ଷୀ। ଯିଏ କି ମଣିଷର ଜନ୍ମ ସହିତ ଆସି ତାହାର ମୃତ୍ୟୁ ପରେ ତା' ଠାରୁ ଅଲଗା ହୋଇଯାଏ। ଯଦି ଯିବା ଆସିବାର ବାଟ ତାକୁ ଜଣା ପଡ଼ିଯାଏ ତେବେ ତାହାର ମୁକ୍ତି ହୋଇଯାଏ। ସେଥିପାଇଁ ସବୁ ବାଉଲ୍‌ଙ୍କର ଉଦ୍ଦେଶ୍ୟ ହେଲା ସହଜ ସାଧନା ଦ୍ୱାରା ପ୍ରଥମେ ଶରୀରକୁ ଜାଣିବା। ଏହା ଗୋଟିଏ ଗୁପ୍ତ ବିଦ୍ୟା। ଦ୍ୱିତୀୟତଃ ମଣିଷର ଶୁକ୍ରାଣୁକୁ ରକ୍ଷା କରିବା ହେଉଛି ପ୍ରତ୍ୟେକ ବାଉଲ୍‌ର ଧର୍ମ। ଅବଶ୍ୟ ଶରୀର ମଧ୍ୟରେ ଏହାକୁ ଧରି ରଖିବା ବହୁତ କଷ୍ଟ। ତେଣୁ ପ୍ରଥମେ ଉପଭୋଗ କରିସାରି ମନରେ ସଂପୂର୍ଣ୍ଣ ଅରୁଚି ଆସିଗଲେ ସେଥିପ୍ରତି ଆଉ କେହି ମନ ଦେବେ ନାହିଁ। ତାହା ପରେ ସୃଷ୍ଟି ହେବ ପ୍ରେମ ଓ ସେହି ପ୍ରେମ ହିଁ ଶେଷରେ ମହା ପ୍ରେମରେ ପରିଣତ ହୁଏ। ତାହାପରେ ଶରୀରଟା ସମ୍ଭୋଗରୁ ସମାଧି ପର୍ଯ୍ୟନ୍ତ ଚାଲିଯାଏ। ସମାଧି ପ୍ରାପ୍ତ ହେଲା ପରେ ସେହି ବ୍ୟକ୍ତିର ସମସ୍ତ ଯାତ୍ରା ପଥ ଖୋଲି ଯାଇଥାଏ। ଏଥିପାଇଁ ପ୍ରଥମେ ଚନ୍ଦ୍ର ସାଧନା କରିବାକୁ ପଡ଼େ। ଏହା ପୁଣି ଚାରି ଭାଗରେ ବିଭକ୍ତ। ଏଥିପାଇଁ ପ୍ରଥମେ ମଳ, ମୂତ୍ର, ରଜ ଆଉ ବୀର୍ଯ୍ୟକୁ ଏକାଠି ମିଶାଇ ପିଇବାକୁ ପଡ଼ିବ। ନିର୍ଦ୍ଦିଷ୍ଟ ପୂର୍ଣ୍ଣମୀ ରାତ୍ରୀରେ ସେପରି ଗୁପ୍ତ ସାଧନା କଲା ପରେ ସାଇ ମହଲ ଭିତରକୁ ଯିବାର ନୀଳ କବାଟ ଖୋଲିଯାଏ। ବାଉଲ୍ ଧର୍ମର ପ୍ରଥମ ଶିକ୍ଷା ହେଲା କାମବାସନା ଉପରେ ଆୟତ୍ତ ରଖିବା। ଦ୍ୱିତୀୟ ଶିକ୍ଷା ହେଉଛି ଭୋଗ ଓ ତ୍ୟାଗ। ଏହା ହେଲେ ମଣିଷ ଭଗବାନଙ୍କ ନିକଟରେ ପହଞ୍ଚି ପାରିବ।

ପୁରୁଷଙ୍କ ଶୁକ୍ରାଣୁକୁ ସେମାନେ କୃଷ୍ଣ କହୁଥିବା ବେଳେ ନାରୀ ଶରୀରର ଯୋନୀରେ ରାଧାଙ୍କ ବିନ୍ଦୁ ରହିଛି ବୋଲି କହିଥାନ୍ତି। ନରନାରୀଙ୍କ ଶରୀରର ମିଳନକୁ ରାସଲୀଳା କୁହାଯାଏ ଓ ସେମାନଙ୍କ ମତରେ ଏହି ରାସଲୀଳାର ପ୍ରତ୍ୟେକ ସ୍ପର୍ଶ ହିଁ ଦ୍ୱାଦଶ ଗୋପାଳ।

ସେମାନେ ନାରୀର ରଜ ନିବୃତ୍ତ ଦିନକୁ ଅମାବସ୍ ବା ଅମାବାସ୍ୟା କହିଥାନ୍ତି। ସେମାନଙ୍କ ମତରେ ତାହା ହିଁ ସାଧନାର ଠିକ୍ ସମୟ। ଯେତେବେଳେ ନଦୀ ସଙ୍ଗମରେ ପରମାତ୍ମା ଭଗବାନ ସାଇ ମହାମୀନ ରୂପରେ ଲୀଳା କରିବା ପାଇଁ ଆସନ୍ତି, ସେତିକିବେଳେ ତାଙ୍କୁ ଧରିବା ଓ ପାଇବା ସାଧକ ପକ୍ଷରେ ସହଜ ହୋଇଥାଏ। ଏହାହିଁ ସେମାନଙ୍କର ମହାଯୋଗ। ଆକାଶରେ ପୂର୍ଣ୍ଣମୀର ଚନ୍ଦ୍ର ଓ ତାହାର କିରଣ ବିଚ୍ଛୁରିତ ହେବାବେଳେ କୌଣସି ନାରୀ ଯଦି ରଜସ୍ୱାଳା ହୋଇଥାଏ ତାହା ହିଁ ହୁଏ ସବୁଠାରୁ ବଡ଼ ସାଧନା। ସଚ୍ଚା ବାଉଲ୍ ଦେହରୁ ଦେହାତୀତ ହେବାକୁ ଚାହେଁ। ଶରୀର ମନ ଦ୍ୱାରା ବଶ ହେଲେ କୁମ୍ଭୀର ସଦୃଶ କାମକୁ ଜିତିଯାଇ ଭଗବାନଙ୍କ ନିକଟତର ହୋଇଥାଏ। କେବଳ ପ୍ରେମ ଦ୍ୱାରା ହିଁ ଭଗବାନଙ୍କୁ ପାଇ ହୁଏ। ମାତ୍ର କାମ ଦ୍ୱାରା ନୁହେଁ। ଈଶ୍ୱର ଓ ଭକ୍ତଙ୍କ ମଧ୍ୟରେ ମିଳନ କରୁଥିବା ବ୍ୟକ୍ତିକୁ ବାଉଲ୍ ଭାଷାରେ ବଜରଖ କୁହାଯାଏ। ବାଉଲ୍‌ମାନଙ୍କ ସାଧନା ବିଷୟରେ ଜାଣିବାକୁ ହେଲେ ତାଙ୍କ ସହ ମିଶି ଗୋଟିଏ ବର୍ଷ ରହିବାକୁ ପଡ଼ିଥାଏ। ଯେଉଁମାନେ ପ୍ରକୃତରେ ସାଧକ ସେମାନଙ୍କୁ ଚିହ୍ନି ବାଛି ନିଆଯାଏ। ଏପରି ସାଧନା କଲେ ସାଧକ ବାଉଲ୍‌ମାନଙ୍କ ଭଳି ବେଶ ପୋଷାକ ପିନ୍ଧିବା ସହିତ ସେମାନଙ୍କ ଖାଦ୍ୟ ଖାଇବାକୁ ପଡ଼ିଥାଏ। ମୁଖ୍ୟତଃ ସେମାନେ ପ୍ରେମକୁ ସମ୍ମାନ ଦିଅନ୍ତି ମାତ୍ର ପ୍ରେମ ନାମରେ କାମବାସନାକୁ ଘୃଣା କରିଥାନ୍ତି। ସେମାନଙ୍କ ମତରେ ପ୍ରେମର ରୂପ ଅନେକ। ଯାହାକି ସର୍ବଦା ବଦଳୁଥାଏ। ମାତ୍ର ମାର୍ଗ ଗୋଟିଏ। ଛୋଟ ପ୍ରେମ ପ୍ରଥମେ ହାତର ଆଙ୍ଗୁଳି ଧରି ବଡ଼ ପ୍ରେମ ପାଖକୁ ନେଇଯାଏ। ପ୍ରେମରେ କୌଣସି ଆବିଳତା ନଥାଏ ଓ ଭଗବାନ ହିଁ ପ୍ରେମର ଉତ୍ସ।

ବିହାର, ଝାଡ଼ଖଣ୍ଡ ଓ ପଶ୍ଚିମ ବଙ୍ଗଳା ସୀମାକୁ ନେଇ ଅଜୟା, ଦ୍ୱାରକା ଓ ଦାମୋଦର ନାମରେ ତିନିଗୋଟି ନଦୀ ବହି ଯାଉଛି। ଏହି ତିନି ଗୋଟିକୁ ପୁରୁଷ ଜଳାଧାର କୁହାଯାଉଥିଲା ବେଳେ ଅନ୍ୟଗୁଡ଼ିକ ସ୍ତ୍ରୀ ଜଳାଧାର ଭାବେ ବିବେଚିତ। ଏହି ଅଜୟା ନଦୀ କୂଳରେ ରହିଛି ବାଉଲ୍‌ମାନଙ୍କର ମୂଳ ଆଖଡ଼ା। ଘନବଣ ଘେରା ତିନି ବିଘା ଜମି ଉପରେ ରହିଛି ୧୫ଟି ଦ୍ୱିତଳ ବିଶିଷ୍ଟ କୁଡ଼ିଆ। ଘର ଚାରି ଦିଗରେ ରଙ୍ଗବେରଙ୍ଗର ଫୁଲ ବଗିଚା। ଫୁଲଗୁଡ଼ିକର ବାସ୍ନାରେ ସ୍ଥାନଟି ପୂରି ଉଠୁଛି। ଆଖଡ଼ା ସ୍ଥାନ ବାହାର ବାଡ଼ରେ ରହିଛି ଏକ ବାଉଁଶର ଫାଟକ। ତାହାର ଦୁଇ ପାଖରେ ରହିଛି ଦୁଇଟି କାମିନୀ ଫୁଲର ଗଛ। ଆଖଡ଼ାର ନାମ ସାଇ ଧାମ। ବାଉଲ୍‌ମାନେ ପରମାତ୍ମାଙ୍କୁ ସାଇ କହିଥାନ୍ତି ଓ ସେହି ସାଇଙ୍କ ଭରସାରେ ସେଠାରେ ଅଜ୍ଞାତ ପକ୍ଷୀଙ୍କୁ ଖୋଜାଯାଏ। ମାତ୍ର ବ୍ରାହ୍ମଣ ଓ ମୁସଲମାନମାନଙ୍କୁ ସେଠାରେ ସର୍ବଦା ପ୍ରବେଶ ନିଷେଧ ଥାଏ। (ଢାକା ସାହିତ୍ୟ ଏକାଡ଼େମୀ, ବଙ୍ଗୀୟ ସାହିତ୍ୟ ପରିଷଦ, ମୁଲକରାଜ ଆନନ୍ଦ, ଅଧ୍ୟାପକ ରମାକାନ୍ତ ଚକ୍ରବର୍ତ୍ତୀ ଓ ଡଃ ସୁଭାଷ ଚକ୍ରବର୍ତ୍ତୀ, ବିଶ୍ୱଭାରତୀଙ୍କ ସମୂହ ଗବେଷଣା ପ୍ରସୂତ) (ହିନ୍ଦୀ ମନୋହର କାହାନିଆ- ୨୦୦୯ ଫେବୃୟାରୀ, ପୃଷ୍ଠା-୨୪-୫୬ ରୁ ୫୯)

# ନାଗରିକତାର ପ୍ରମାଣପତ୍ର କ'ଣ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

ନାଗରିକତାର ପ୍ରମାଣ ପତ୍ରକୁ ନେଇ ଦେଶରେ ପୁଣି ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ପ୍ରଥମେ ଆଧାରକାର୍ଡକୁ ନାଗରିକତା ପ୍ରମାଣ ପତ୍ର ଭାବେ ଗ୍ରହଣ କରାଯିବ ନାହିଁ ବୋଲି କୁହାଯାଇଥିଲା। ଏହା ପରେ ବିହାର, ପଶ୍ଚିମବଂଗ ସମେତ କେତେକ ରାଜ୍ୟରେ ଏସ୍‌ଆଇଆର କରାଗଲା। ଏବେ ବୈଦେଶିକ ମନ୍ତ୍ରାଳୟ ତରଫରୁ କୁହାଯାଇଛି ଯେ ପାସପୋର୍ଟ ଭାରତୀୟ ନାଗରିକତାର ପ୍ରମାଣପତ୍ର ନୁହେଁ। ବୈଦେଶିକ ମନ୍ତ୍ରାଳୟର ଏହି ବୟାନ ପରେ ଏବେ ପ୍ରଶ୍ନ ଉଠୁଛି ଯେ ତେବେ ଭାରତୀୟ ନାଗରିକ କିଏ? ଭାରତର ନାଗରିକତା ପାଇଁ ପ୍ରମାଣ ପତ୍ରର ଆଧାର କ'ଣ? ମୁଖ୍ୟ କଥା ହେଉଛି ଭାରତରେ ନାଗରିକତାର କୌଣସି ପ୍ରାମାଣିକ ଆଧାର-ପତ୍ର ନାହିଁ। ଅନେକ ଦେଶରେ ନାଗରିକ (ସିଟିଜନ) କାର୍ଡର ବ୍ୟବସ୍ଥା ରହିଛି। ଭାରତରେ ଜଣେ ବ୍ୟକ୍ତିକୁ ଅନେକ ପ୍ରକାରର କାର୍ଡ ରଖିବାକୁ ପଡିଥାଏ ଯଥା- ବିଦେଶ ଯିବା ପାଇଁ ପାସପୋର୍ଟ, ନିଜର ପରିଚୟ (ନାଗରିକତା ନୁହେଁ) ପାଇଁ ଆଧାରକାର୍ଡ, ଆର୍ଥୀକ ମାମଲା ପାଇଁ ପାନକାର୍ଡ, ଭୋଟ ଦେବା ପାଇଁ ଭୋଟର କାର୍ଡ ଓ ପରିବାରର ପରିଚୟ ପାଇଁ ରାସନ କାର୍ଡ। ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗୋଟିଏ କାର୍ଡର ବ୍ୟବସ୍ଥା କରାଯିବା ପାଇଁ ବହୁଦିନରୁ ଚର୍ଚ୍ଚା ଚାଲିଥିଲେ ମଧ୍ୟ ଏନେଇ କୌଣସି ବ୍ୟବସ୍ଥା କରାଯାଇ ପାରିନାହିଁ। ଭାରତରେ ନାଗରିକତା ସାବ୍ୟସ୍ତ କରିବା ପାଇଁ କୌଣସି ଏକ ସାର୍ବଭୌମିକ ଦସ୍ତାବିଜ୍ ନାହିଁ। ଯଦି କେହି ବ୍ୟକ୍ତି ଆଧାର, ପାସପୋର୍ଟ ବା ରାସନକାର୍ଡକୁ ନାଗରିକତାର ପ୍ରମାଣ ପତ୍ର ବୋଲି କହନ୍ତି ତେବେ ତାହା ଭୁଲ ଅଟେ। ଏଣୁ ପ୍ରଶ୍ନ ବି ଉଠୁଚି ଯେ ଯଦି ଏସବୁ ନାଗରିକତା ସାବ୍ୟସ୍ତ କରିବା ପାଇଁ ପ୍ରମାଣ ନୁହେଁ ତେବେ ନାଗରିକତା ପ୍ରମାଣ ପାଇଁ କେଉଁ ଦସ୍ତାବିଜ୍ ଦରକାର?

ଦେଶର ବୈଦେଶିକ ମନ୍ତ୍ରାଳୟ ବିଦେଶ ଯାତ୍ରା ପାଇଁ ପାସପୋର୍ଟ ପ୍ରଦାନ କରିଥାଏ ବା ସ୍ୱୀକୃତି ଦେଇଥାଏ। ସ୍ୱରାଷ୍ଟ୍ର ମନ୍ତ୍ରାଳୟ ନାଗରିକତା ସିଦ୍ଧ କରିଥାଏ ଯେ କିଏ ବୈଧ ଏବଂ ଅବୈଧ। ଏସ୍ ଆଇ ଆର ଏସବୁ ପ୍ରକ୍ରିୟାର ଏକ ଅଂଶ। ପାସପୋର୍ଟ ଅଧିନିୟମ ୧୯୬୭ ଅନୁସାରେ ପାସପୋର୍ଟ କେବଳ ଭାରତୀୟ ନାଗରିକ ମାନଙ୍କୁ ପ୍ରଦାନ କରାଯାଇଥାଏ। ଅନ୍ୟ ପକ୍ଷରେ ନିର୍ବାଚନ କମିଶନ ଏବଂ ମାନ୍ୟବର ସୁପ୍ରିମ କୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଆଧାରକାର୍ଡ ନାଗରିକତା ସାବ୍ୟସ୍ତ କରିବାର ଦସ୍ତାବିଜ୍ ନୁହେଁ। ମାନ୍ୟବର ସୁପ୍ରିମ କୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଆଧାର ଅଧିନିୟମ ୨୦୧୬ ଏବଂ ପ୍ରତିନିଧିତ୍ୱ ଅଫ ଦି ପିପୁଲ ଆକ୍ଟ ୧୯୫୦ ଅନୁସାରେ ଆଧାରକାର୍ଡ ନାଗରିକତା, ଜନ୍ମତିଥି ଅଥବା ନିବାସ ପ୍ରମାଣ ପତ୍ର ନୁହେଁ। ଏସବୁ ବାଦ୍ ପାନ୍ କାର୍ଡ ବା ଭୋଟର କାର୍ଡ ଥିଲେ ମଧ୍ୟ କେହି ଭାରତୀୟ ନାଗରିକ ହୋଇପାରିବ ନାହିଁ। ତେବେ ଭାରତର ନାଗରିକ କିଏ ହୋଇପାରିବ? ଯାହା ପାଖରେ ଆଧାର କାର୍ଡ, ରାସନକାର୍ଡ, ଭୋଟରକାର୍ଡ, ପାନକାର୍ଡ ଏ ପରିକ ପାସପୋର୍ଟ ଥିବ ତାକୁ ନାଗରିକ ବୋଲି ଗ୍ରହଣ କରାଯିବ କି ନାହିଁ? ଏ ସବୁକୁ ନେଇ ଚର୍ଚ୍ଚା ବା ବିମର୍ଷ ଆଗରୁ ତ ଥିଲା କିନ୍ତୁ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ୧୪ ତମ ପାସପୋର୍ଟ ସେବା ଦିବସ ଅବସରରେ ବୈଦେଶିକ ମନ୍ତ୍ରାଳୟର ଅଧିକାରୀ ମାନେ ଦେଇଥିବା ବୟାନ ବିମର୍ଷର କେନ୍ଦ୍ରବିନ୍ଦୁ ପାଲଟିଛି। ବୈଦେଶିକ ମନ୍ତ୍ରାଳୟର ଅଧିକାରୀ କରିଥିଲେ ଯେ ପାସପୋର୍ଟ ଆନ୍ତର୍ଜାତୀୟ ଯାତ୍ରାକୁ ସୁଗମ କରିବା ପାଇଁ ଏକ ଦସ୍ତାବିଜ ଅଟେ କିନ୍ତୁ ଏହା ନାଗରିକତାର ପ୍ରମାଣ ପତ୍ର ନୁହେଁ।"

ବୈଦେଶିକ ମନ୍ତ୍ରାଳୟର ଅଧିକାରୀଙ୍କ ବୟାନ ପରେ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ "ପାନ କାର୍ଡ" କ'ଣ କେବଳ ଆର୍ଥୀକ ସମ୍ବନ୍ଧୀତ କାର୍ଯ୍ୟପାଇଁ? ପାସପୋର୍ଟ କ'ଣ କେବଳ ବିଦେଶ ଯାତ୍ରା ପାଇଁ? ଭୋଟର କାର୍ଡ କ'ଣ କେବଳ ଭୋଟଦେବା ପାଇଁ ଓ ଆଧାର କାର୍ଡ କେବଳ ବ୍ୟାଙ୍କରେ ଆକାଉଣ୍ଟ ଖୋଲିବା ପାଇଁ? ତେବେ ନାଗରିକତାର ପ୍ରଣାମ ପତ୍ର କ'ଣ? ଭାରତୀୟ ନାଗରିକତା ଆଇନ୍ ଅନୁସାରେ ୧୯୫୦ ମସିହା ଜାନୁୟାରୀ ୨୬ ଠାରୁ ୧୯୮୭ ମସିହା ଜୁଲାଇ ୧ ତାରିଖ ମଧ୍ୟରେ ଭାରତରେ ଜନ୍ମଗ୍ରହଣ କରିଥିବା ବ୍ୟକ୍ତିଙ୍କୁ ଭାରତୀୟ ନାଗରିକ ବୋଲି ଗ୍ରହଣ କରାଯାଇଛି। ଏହି ଅବଧି ମଧ୍ୟରେ ମାତା- ପିତାଙ୍କର ରାଷ୍ଟ୍ରୀୟତାର ଗୁରୁତ୍ୱ ନଥିଲା। ଆର୍ଥାତ୍ ମାତା ପିତା ବିଦେଶୀ ହେଲେବି ଯଦି ତାଙ୍କର ସନ୍ତାନ ଭାରତରେ ଜନ୍ମ ନିଏ ତେବେ ସେ ଭାରତୀୟ ଭାବେ ଗଣନା ହେଉଥିଲା। କିନ୍ତୁ ୧୯୮୭ ମସିହା ଜୁଲାଇ ୧ତାରିଖ ପରେ ଜନ୍ମ ନେଇଥିବା ବ୍ୟକ୍ତିଙ୍କୁ ନାଗରିକତା ସେତେବେଳେ ମିଳିବ ଯଦି ମାତା ପିତାଙ୍କ ମଧ୍ୟରୁ ଜଣେ ଭାରତର ନାଗରିକ ହୋଇଥିବ। ୨୦୦୪ ଡିସେମ୍ବର ୩ତାରିଖ ପରେ ଜନ୍ମିତ ବ୍ୟକ୍ତି ଭାରତର ନାଗରିକ ହୋଇ ପାରିବ ଯଦି ତାର ମାତା- ପିତା ଉଭୟେ ଭାରତୀୟ ହୋଇଥିବ ଅଥବା ଜଣେ ଭାରତୀୟ ଓ ଅନ୍ୟଜଣେ ଅବୈଧ ପ୍ରବାସୀ ହୋଇଥିବ।

ପାସପୋର୍ଟ ଉପରେ "ରିପବ୍ଲିକ ଅଫ ଇଣ୍ଡିଆ" ଲେଖାଯାଇଥାଏ। ଆର୍ଥାତ୍ ଏହା ଏକ ଭାରତୀୟ ଦସ୍ତାବିଜ୍। ପାସପୋର୍ଟରେ ବ୍ୟକ୍ତିର ସବିଶେଷ ତଥ୍ୟ ଉଲ୍ଲେଖ କରାଯାଇଥାଏ। ପାସପୋର୍ଟ ଆଇନ୍ ଅନୁସାରେ ଏପରିକି ପାସପୋର୍ଟ ପାଇଁ ଅବେଦନ କରିଥିବା ବ୍ୟକ୍ତିଙ୍କ ବାବଦରେ ପୋଲିସ ଯା□କରି ରିପୋର୍ଟ ଦେବା ପରେ ପାସପୋର୍ଟ ପ୍ରଦାନ କରାଯାଇଥାଏ। ଏପରି ସ୍ଥଳେ ପାସପୋର୍ଟକୁ ନାଗରିକତା ପ୍ରମାଣ ପତ୍ର କୁହାଯିବ ନାହିଁ କାହିଁକି? କିନ୍ତୁ ଆମ ଦେଶର ଆଇନ୍ ଅନୁସାରେ ପାସପୋର୍ଟକୁ ନାଗରିକତାର ପ୍ରମାଣ ପତ୍ର ଭାବେ ଗ୍ରହଣ କରାଯାଉନାହିଁ। ୧୯୪୭ରେ ଦେଶ ସ୍ୱାଧିନ ହେଲା ଓ ୧୯୫୦ରେ ସଂବିଧାନ ଲାଗୁହେବା ପରେ ନାଗରିକଙ୍କ ପଞ୍ଜିକରଣ କାମ ଭିନ୍ନ ଭିନ୍ନ ପ୍ରକ୍ରିୟାରେ ଆରମ୍ଭ ହୋଇଥିଲା। ଜନ୍ମ ପଞ୍ଜିକରଣ ଆରମ୍ଭ ହେବା ପୂର୍ବରୁ ମଧ୍ୟ ଦେଶରେ ଅନେକଙ୍କର ଜନ୍ମ ହୋଇଥିଲା। ଯଦି ଆଧାରକାର୍ଡ, ପାନକାର୍ଡ, ଭୋଟରକାର୍ଡ, ରାସନକାର୍ଡ ଓ ପାସପୋର୍ଟ ଭାରତୀୟ ନାଗରିକତାର ପ୍ରମାଣ ପତ୍ର ନୁହେଁ ତେବେ ସାଂସଦ ଓ ବିଧାୟକ ମାନଙ୍କ ପାଖରେ କ'ଣ ସ୍ୱତନ୍ତ୍ର ପ୍ରମାଣ ପତ୍ର ରହିଛି ଯାହା ଫଳରେ ସେମାନେ ଦେଶ/ ରାଜ୍ୟକୁ ଶାସନ କରୁଛନ୍ତି? ତେବେ କ'ଣ ଏହି ଜନ ପ୍ରତିନିଧିମାନେ ଭାରତୀୟ ନାଗରିକ ନୁହଁନ୍ତି? ହାୟରେ ହତଭାଗା ଦେଶ! ଭାରତର ନାଗରିକ ନ ହୋଇ ମଧ୍ୟ କିଛି ଲୋକ ଦେଶ/ ରାଜ୍ୟକୁ ଶାସନ କରିପାରୁଛନ୍ତି।

# ଗଙ୍ଗୁଆ ନାଳରୁ ଗଙ୍ଗା ନଦୀ ପର୍ଯ୍ୟନ୍ତ




ଡଃ ସୀତାକାନ୍ତ ତ୍ରିପାଠୀ
ଅର୍ଣ୍ଣପାଳ, ଭଦ୍ରକ
ମୋ- ୯୭୭୮୭୬୪୩୯୪

କାର୍ତ୍ତିକ ପୂର୍ଣ୍ଣିମା ଦିନର କଥା । ସକାଳୁ ସକାଳୁ ମୋର ଜଣେ ସମ୍ପର୍କୀୟ ଭୁବନେଶ୍ୱର ଉପକଣ୍ଠ ଗଙ୍ଗୁଆ ନାଳରେ ସ୍ନାନ ସାରି ମୋତେ ଫୋନ୍ କରି କହିଲେ ଆରେ ଜାଣିଛୁ! ଆଜି ଭଳି ଏକ ପବିତ୍ର ଦିନରେ ଉଭୟ ଗଙ୍ଗା ସ୍ନାନ ଓ ଦିଅଁ ଦର୍ଶନର ସୌଭାଗ୍ୟ ପ୍ରାପ୍ତ ହେଲା । ମୁଁ ପଚାରିଲି ଆଜ୍ଞା! କାହିଁ ଗଙ୍ଗୁଆ ନାଳ ଆଉ କାହିଁ ଗଙ୍ଗା ନଦୀ ! ସିଏ ହସି ହସି କହିଲେ, ଆରେ ମନ ପବିତ୍ର ଥିଲେ ଗୋବର ଗାଡ଼ିଆ ମଧ୍ୟ ଗଙ୍ଗା ହୋଇଯାଏ । ମୁଁ ମନେମନେ ଭାବିଲି ଗୋବର ଗାଡ଼ିଆ ଅସନା କିମ୍ବା ଦୁର୍ଗନ୍ଧ ହୋଇପାରେ କିନ୍ତୁ ତାହା ପବିତ୍ର । ଗୋବରକୁ ନେଇ ଆମର ଅନେକ ନୀତିକାନ୍ତି ପାଳନ ହେବା ସହିତ ଏଥିରୁ ବାହାରୁଥିବା ଗ୍ୟାସରୁ ମଧ୍ୟ ଭିନ୍ନ ଢ଼ଙ୍ଗରେ ଆମେ ଶକ୍ତି ପ୍ରାପ୍ତ ହୋଇଥାଉ । ଯାହା ଇଲେକ୍ଟ୍ରି ଏବଂ ସୌରଶକ୍ତି ଭଳି କାମରେ ଆସେ । କିନ୍ତୁ ଗଙ୍ଗୁଆ ନାଳ! ତାର ଦୁର୍ଦ୍ଦିନ କଥା ଭାବିଲେ ମନରେ ଅନେକ ଦୁଃଖ ତଥା ସମବେଦନା ଜାତ ହୁଏ । ଅନେକ ସ୍ଥାନରେ ଏହା ନିଜର ସତ୍ତା ହରାଇବାକୁ ବସିଲାଣି । ବିଭିନ୍ନ ଗୋଷ୍ଠୀର ଲୋଲୁପ ଦୃଷ୍ଟିର ଏହା ଶିକାର ହେବା ଫଳରେ ତା ଗର୍ଭରେ ପାଣି ରହିବା ଜାଗାରେ ଗର୍ଭ ପୋତାଯାଇ ରାସ୍ତା ଘାଟ କିମ୍ବା କୋଠା ବାଡ଼ି ନିର୍ମାଣ ହେଉଛି । ଆଉ ତା ଗର୍ଭରେ ଥିବା ପାଣି କଥା ଯଦି ଭାବିବା ତାହା ନାଳ – ନର୍ଦ୍ଦମାରୁ ନିର୍ଗତ ପାଣିରେ ଭର୍ତ୍ତି ଯାହା ଗାଧୋଇବା ଦୂରର କଥା ଛୁଇଁ ଦେଲେ ମଧ୍ୟ ରୋଗ ସଂକ୍ରମଣ ହେବାର ଭୟ ରହିଛି । ଜନ ଆକ୍ରୋଶକୁ ଦୃଷ୍ଟିରେ ରଖି ମଝିରେ ମଝିରେ ସରକାର ମାନେ ତାର ସଂସ୍କାର ପାଇଁ ତତ୍ପରତା ଦେଖାଇ ଥାଆନ୍ତି । କିନ୍ତୁ ସେହି ତତ୍ପରତା ବେଶୀ ଦିନ ତିଷ୍ଠି ରହେ ନାହିଁ । ଯେଉଁଥିପାଇଁ ଅଦ୍ୟାବଧି ତାହା ବିଶୁଦ୍ଧ ହେବା ଦୂରର କଥା ନିଜର ସତ୍ତା ଖୋଜିବା ପାଇଁ ସଂଘର୍ଷ କରୁଛି । ରାଜଧାନୀ ଭୁବନେଶ୍ୱରକୁ ବେଢ଼ି ରହିଥିବା କୁଆଖାଇ ଏବଂ ଦୟାନଦୀ ସହିତ ଗଙ୍ଗୁଆ ନଦୀ ମଧ୍ୟ ଏହାର ପ୍ରାଣ କେନ୍ଦ୍ର ଭାବେ ବିବେଚିତ ହେଉଥିଲା । କେବଳ ଚାଷବାସ ନୁହେଁ ପଶୁ-ପକ୍ଷୀ, ଜୀବଜନ୍ତୁ ଏବଂ ମଣିଷ ମାନଙ୍କର ନିତିଦିନିଆ ଜୀବନ ଚର୍ଯ୍ୟାର ଏହା ଗୁରୁତ୍ୱ ବହନ କରି ଆସୁଥିଲା । ତାର ଏହି ମୁମୂର୍ଷୁ ଅବସ୍ଥା ଦେଖି ମନ ଯେତିକି ଭାରାକ୍ରାନ୍ତ ହୁଏ, ପ୍ରଶାସନିକ ସ୍ଥାଣୁତା ପାଇଁ ତା'ଠାରୁ ଅଧିକ ଦୁଃଖ ଲାଗେ । ଆମେ ଜଣେ ଜଣେ ସଚେତନ ନାଗରିକ ତଥା ସଭ୍ୟ ସମାଜର ସଦସ୍ୟ ହିସାବରେ କାହାକୁ ଦୋଷ ଦେବା? ନିଜେ ନା' ଅନ୍ୟମାନେ ଏହି ସମସ୍ୟା ପ୍ରତି କ'ଣ କେବେ କିଛି ପଦକ୍ଷେପ ନେଇଛନ୍ତି କି?

ଆମ ଦେଶର ଗର୍ବ ଓ ଗୌରବ ପବିତ୍ର ଗଙ୍ଗା ନଦୀ ମଧ୍ୟ ଏ ଦୃଷ୍ଟିରୁ କିଛି କମ୍‌ରେ ନାହିଁ । ବିଭିନ୍ନ ସ୍ଥାନରେ ଗଙ୍ଗା ନଦୀ ତାର ନାଁ ବଦଳାଇ ଦେବା ସହିତ ତାର ଗର୍ବ, ଗୌରବର ଭିନ୍ନ ଭିନ୍ନ ରୂପ ପ୍ରଦର୍ଶନ ଓ ପ୍ରସାରଣ କରିଥାଏ । କେଉଁଠି ଅସ୍ଥି ବିସର୍ଜନ ହୋଇଥାଏ ତ ଆଉ କେଉଁଠି ପ୍ରସିଦ୍ଧ ଦେବା-ଦେବୀ ମନ୍ଦିର ସ୍ଥାପନ ହୋଇଥାଏ କିମ୍ବା ଦିବ୍ୟ ସ୍ଥାନ ରୁପେ ମାନିବାର ପରମ୍ପରା ତଥା ବିଧି ରହିଛି । ସ୍ଥାନ ଏବଂ କାଳ ଭେଦରେ ମଧ୍ୟ ଏଠାରେ କୁମ୍ଭମେଳା ଆୟୋଜିତ କରାଯାଇଥାଏ । ଆର୍ଥିକ, ସାମାଜିକ, ରାଜନୈତିକ ଏବଂ ଆଧ୍ୟାତ୍ମିକ ଦୃଷ୍ଟି କୋଣରୁ ଏହାର ଗୁରୁତ୍ୱ ଅନେକ । ଅନେକ ଯୁଦ୍ଧ, ସଭ୍ୟତାର ଏହା ମୂକ ସାକ୍ଷୀ ।

ସ୍ଥୁଳ ଅର୍ଥରେ ଦେଖିବାକୁ ଗଲେ ଗଙ୍ଗୁଆ ନାଳ ସହିତ ଗଙ୍ଗା ନଦୀ ତୁଳନୀୟ ନୁହେଁ । ଗୋଟିଏ ଆଞ୍ଚଳିକ ହୋଇଥିବା ବେଳେ ଆଉ ଗୋଟିଏ ହେଉଛି ଜାତୀୟ । ଗଙ୍ଗା ନଦୀ ବିଭିନ୍ନ ରାଜ୍ୟକୁ ସମ୍ପର୍କର ରଜ୍ଜୁରେ କେତେବେଳେ ଯୋଡ଼ିଥାଏ ତ ଆଉ କେତେବେଳେ ମଧ୍ୟ ଏହାର ଜଳ ବଣ୍ଟନକୁ ନେଇ ରାଜ୍ୟମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି ହୋଇଥାଏ । ଗଙ୍ଗା ନଦୀ ଭଳି ଗଙ୍ଗୁଆ ଏତେ ଗୁରୁତ୍ୱ ବହନ କରୁନଥିଲେ ମଧ୍ୟ ଏହାକୁ ଅଣଦେଖା କରିବା ଉଚିତ୍ ନୁହେଁ । କାରଣ ନଦୀକୁ ଜୀବିତ କରି ରଖିବାରେ ନାଳର ଗୁରୁତ୍ୱ ଅନେକ । ଗଙ୍ଗୁଆ ଭଳି ଗଙ୍ଗା ନଦୀ ବର୍ତ୍ତମାନ ପ୍ରଦୁଷିତ । ତାକୁ ପରିଷ୍କାର କରିବା ପାଇଁ ସରକାରଙ୍କ ତରଫରୁ ପଦକ୍ଷେପ ମାନ ନିଆଯାଉଥିଲେ ମଧ୍ୟ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ତଥା ସାହସର ଅଭାବ ଯୋଗୁଁ ଏହାକୁ ସଫଳ କରାଯାଇ ପାରୁନାହିଁ । ଚିରସ୍ରୋତା ଗଙ୍ଗା ନଦୀର ଧାରା କମିବାରେ ଲାଗିଲାଣି । ହିମାଳୟରେ ଜମା ହୋଇ ରହିଥିବା ବରଫ ତରଳି ଯିବା ଫଳରେ ଆଜିକାଲି ଗଙ୍ଗା ନଦୀ ଶୁଖିବାକୁ ବସିଲାଣି । ତେଣୁ ଉଭୟ ଗଙ୍ଗା ଏବଂ ଗଙ୍ଗୁଆ ଦୁଃଖି । ତାଙ୍କର ଲୁହ ପୋଛିବାକୁ ଆମେ ସମସ୍ତେ ତତ୍ପର ହେବାର ସମୟ ଉପଗତ । ତା'ଛଡ଼ା ଗଙ୍ଗାକୁ ଗଙ୍ଗୁଆ କିମ୍ବା ଗଙ୍ଗୁଆକୁ ଗଙ୍ଗା କରି ଦେଉଥିବା ଲୋକମାନଙ୍କ ପ୍ରତି ସତର୍କ ରହିବାର ସମୟ ଉପଗତ । ସୂକ୍ଷ୍ମ ଦୃଷ୍ଟିରୁ ବିଚାର କଲେ ମଣିଷର ମନ ଓ ବିଚାର ସ୍ଥାନ, କାଳ ଓ ପାତ୍ର ଭେଦରେ ଯେ ପରିବର୍ତ୍ତନୀୟ ତାହା କହିବା ନିଷ୍ପ୍ରୟୋଜନ । କେତେବେଳେ ସିଏ ଗଙ୍ଗୁଆକୁ ଗଙ୍ଗା ନଦୀ ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ, ପବିତ୍ର କରି ଦେଇଥାଏ ତ' ଆଉ କେତେବେଳେ ଗଙ୍ଗା ନଦୀ ଗଙ୍ଗୁଆ ଠାରୁ ମଧ୍ୟ ହୀନ ହୋଇଯାଏ । ରାଜାଙ୍କ ମନ, ସିଏ ପାହାଡ଼ର ଶୀର୍ଷରେ ପଦ୍ମ ଫୁଟାଇ ପାରନ୍ତି କିମ୍ବା ସମୁଦ୍ର ଜଳକୁ ମଧୁର କହି କୌତୁହଳ ଜାତ କରି ପାରନ୍ତି । ପ୍ରଶ୍ନ କରିବ କିଏ? କେବଳ ଭାଗ୍ୟକୁ ଆଦରି ସେସବୁ କଥା ଗୁଡ଼ିକୁ ମାନିନେଇ କିମ୍ବା ହଁରେ ହଁ ମାରିଦେଇ ସ୍ଥାନ ଛାଡ଼ି ଚାଲିଯିବାର ଅଛି ନହେଲେ କାହାର ଆକ୍ରୋଶକୁ ସାମ୍ନା କରିବା କ'ଣ ସହଜ କଥା!


Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୮୯

## ନହୁଷ ହେଲେ ଇନ୍ଦ୍ର-୨



ଦେବତାଗଣ ବୃହସ୍ପତିଙ୍କ ନିକଟକୁ ଗଲେ ଓ ସମସ୍ତ ବୃତ୍ତାନ୍ତ କହିଲେ । କହିଲେ- ମହାଶୟ, ଶଚୀଦେବୀଙ୍କୁ ଛାଡ଼ିଦିଅନ୍ତୁ । ଯାହା ଭାଗ୍ୟରେ ଥିବ !

ବୃହସ୍ପତି ଶୁଣିଲେ । ଉତ୍ତର ଦେଲେ- ମୋ ଆଶ୍ରାରେ ସେ ରହିଛନ୍ତି । ମୁଁ ତାଙ୍କୁ ଛାଡ଼ି ପାରିବିନାହିଁ । ମୋ ଆଦେଶକୁ ଯେ ଅମାନ୍ୟ କରିବ ତାର ଧ୍ୱଂସ ଅନିବାର୍ଯ୍ୟ । ନହୁଷଙ୍କର ଶେଷ ସମୟ ପହଞ୍ଚିଲା । ତୁମେ ଯାଅ । ବିଚଳିତ ହୁଅନାହିଁ । ମୁଁ ବ୍ୟବସ୍ଥା କରୁଛି ।

ବୃହସ୍ପତି ଶଚୀଙ୍କୁ ପାଖକୁ ଡାକିଲେ ଓ କିଛି ସୂଚନା ଦେଲେ । କହିଲେ- ତୁମେ ନହୁଷଙ୍କ ପାଖକୁ ଯାଅ ଓ ଯେପରି କହିଲି ସେଇଆ କୁହ ।

ଶଚୀ ଦେବୀ ନହୁଷଙ୍କ ପ୍ରାସାଦକୁ ଗଲେ । ତାଙ୍କୁ ଦେଖିବା ମାତ୍ରେ ନହୁଷଙ୍କର ଗର୍ବ ଅହଂକାର ଓ କାମଭାବ ବହୁଗୁଣିତ ହୋଇଗଲା । କହିଲେ, "ହେ ଦେବୀ ! ତୁମେ ଥରୁଛ କାହିଁକି ? କିଛି ଅସୁବିଧା ନାହିଁ । ମୁଁ ଇନ୍ଦ୍ର, ତିନିଭୂବନର ରାଜା । ତୁମେ ମୋର ରାଣୀ ହେବାରେ କିଛି ଅନୀତି ହେବନାହିଁ ।" ସେ ଆନନ୍ଦରେ ବିସ୍ତରି ଯାଉଥିଲେ ।

ଶଚୀଦେବୀ ଶାନ୍ତ ଭାବରେ କହିଲେ- ହେ ରାଜା ! ମୋର ଗୋଟେ ଅନୁରୋଧ ରକ୍ଷା କରନ୍ତୁ । ଇନ୍ଦ୍ରଙ୍କୁ ଖୋଜିବାର ସୁଯୋଗ ମୋତେ ଦିଅନ୍ତୁ । ସେ ବଞ୍ଚିଛନ୍ତି ବା ମରିଛନ୍ତି ? ଯଦି ବଞ୍ଚିଛନ୍ତି କେଉଁଠି ଅଛନ୍ତି ? ଯଦି ସେ ନମିଳନ୍ତି ମହାଶୟଙ୍କର ପତ୍ନୀ ହେବାରେ ମୋତେ ପାପ ଲାଗିବନି ।

"ଉଚିତ୍ କଥା ! ଯାଆ ଖୋଜ ! ମୁଁ ସମୟ ଦେଲି ।"- କହିଲେ ନହୁଷ ।

ଶଚୀ ଦେବୀ ଫେରିଲେ ଓ ମା' ଦୁର୍ଗାଙ୍କୁ ସ୍ମରଣ କରି ଇନ୍ଦ୍ରଙ୍କୁ ଖୋଜିବାକୁ ବାହାରିଲେ । ଏବଂ ଭେଟିବାରେ ସଫଳ ହେଲେ । ମାନସରୋବରରେ ପଦ୍ମ ବଣରେ ଲୁଚିଥିଲେ ଇନ୍ଦ୍ର । ସେ ବ୍ରହ୍ମହତ୍ୟା ପାପ ମୋଚନ ପାଇଁ ଯୋଗସାଧନା କରୁଥିଲେ। ଶୁଣିଲେ ରାଣୀଙ୍କ ଦୁଃଖ । କହିଲେ- ଶୋଚନା କରନାହିଁ । ନହୁଷଙ୍କ ଶେଷ ସମୟ ପହଞ୍ଚିଲା ଭଳି । ତୁମେ ଗୋଟେ କାମକର ନହୁଷଙ୍କ ପାଖକୁଯାଅ । କହିବ, ତୁମେ ପାଲିଙ୍କି ଚଢ଼ି ମୋ କକ୍ଷକୁ ଆସିବ, ଯେଉଁ ପାଲିଙ୍କିକୁ ଋଷିମାନେ କାନ୍ଧରେ ବହନ କରୁଥିବେ । ତା'ପରେ ଦେଖିବ, ନହୁଷର ଅନ୍ତଘଟିବ ।

ଶଚୀ ଦେବୀ ଫେରିଲେ । ପହଞ୍ଚିଲେ ନହୁଷଙ୍କ ପାଖରେ । ଛଳକରି କହିଲେ- ବହୁତ ଖୋଜିଲି କିନ୍ତୁ ପାଇଲିନାହିଁ । ମୋ ମନ କହୁଚି, ସେ ଜୀବନରେ ନାହାଁନ୍ତି, କିନ୍ତୁ ... !

- ପୁଣି କିନ୍ତୁ କ'ଣ !

: ରାଜା ! ମୁଁ ରାଜି । କିନ୍ତୁ ତୁମେ ଖୁବ୍ ଜାକଜମକରେ ମୋ କକ୍ଷକୁ ବିଜେ କରିବ । ବିଷ୍ଣୁ ଓ ରୁଦ୍ରଙ୍କ ଭଳି । ତୁମେ ପାଲିଙ୍କିରେ ବସିଥିବ, ପାଲିଙ୍କି କାନ୍ଧେଇଥିବେ ସାତ ଜଣ ଋଷି । ଖୁବ୍ ଭଲ ହେବ । (କ୍ରମଶଃ ...)

ନରଶପୁର, କୋଦଣ୍ଡପୁର
ଯାଜପୁର ଟାଉନ୍- ୭
ମୋ- ୮୨୪୯୬୯୩୩୦୮



# ଜଗାକୁ ହୋଇଛି ଜ୍ୱର

### ପ୍ରଫୁଲ୍ଲ କୁମାର ସାହୁ

ଜ୍ୟେଷ୍ଠ ଟାଣ ଖରା ନହେଲା ସହି
ମନ୍ଦିର ଭିତରେ ନହେଲା ରହି
ସ୍ନାନ ମଣ୍ଡପକୁ ଆସି,
ଶୀତଳ ଜଳରେ ସ୍ନାନ କରି ଜଗା
ହୋଇଲା ସେ କେତେ ଖୁସି ।୧।

ଗଣପତି ବେଶେ ଦେଇ ଦର୍ଶନ
ଖୁସିରେ ଭରିଲା ଭକତ ମନ
ବରଷକେ ଦେଖ ଥରେ,
ଅପୂର୍ବ ସେ ରୂପ ଯେ କରେ ଦର୍ଶନ
ସ୍ନାହାନ ମଣ୍ଡପେ ବାରେ ।୨।


ସ୍ନାହାନ କରି ସେ କୂଅ ଜଳରେ
କମ୍ପୁ ଅଛି ଦେହ ଆଜି ଜ୍ୱରରେ
ତାଟି ଘରେ ଦେଖ ରହି,
ଔଷଧ ପଥ୍ୟ ଖାଉଛି ନିଇତି
ଅଛି ଯେ ବିଶ୍ରାମ ନେଇ ।୩।

ରତ୍ନ ସିଂହାସନ ପଡ଼ିଛି ଖାଲି
ପଟି ଦିଅଁ ପୂଜା ହେଉଛି ବୋଲି
ମନ୍ଦିରେ ଗହଳି ନାହିଁ,
ଅଲାରନାଥଙ୍କ ଦର୍ଶନ ନିମନ୍ତେ
ଭକତ ଅଛନ୍ତି ଧାଇଁ ।୪।

ଅଣସର ଘରେ ମୋ ଜଗା ରହି
ବିଶ୍ରାମ ନିଅଇ ମୋଦକ ଖାଇ
ସେବକ କରନ୍ତି ସେବା,
ଦେବତା ହେଲେବି ମାନବ ଭାବରେ
ଭକତଙ୍କ ପାଶେ ଉଭା ।୫।

ଆଷାଢ଼ ବରଷା ପଡ଼ିଲେ ଝରି
ଶୁକ୍ଳ ଦ୍ୱିତୀୟାରେ ଯିବାରେ ପୁରୀ
ଦେଖିବାଟି ରଥ ଯାତ,
ନୟନ ଯୁଗଳ ହୋଇବ ପବିତ୍ର
ଦେଖି, ନନ୍ଦିଘୋଷେ ଜଗନ୍ନାଥ ।୬।

ଯଦୁ-ମାଳତୀ କୃପା ନିବାସ, ଶକ୍ତି ବିହାର / ବାଲିପଡ଼ା, ମାହାଙ୍ଗା, କଟକ
ମୋ-୭୬୦୯୪୩୮୩



# ଅଣସର ଗୃହେ କଳା ସାଆନ୍ତ...

### ରାମଚନ୍ଦ୍ର ବେହେରା

ଶିହେ ଆଠ ଗରା ସୁବାସିତ ଜଳେ
ସିନାନ କରିଲେ ପ୍ରଭୁ
ନୀତି ଅନୁଯାୟୀ ଗଜ ବେଶ ହୋଇ
ଭକ୍ତଙ୍କୁ ମୋହିଲେ ବିଭୂ ।
ସୁନା କୂଅ ଜଳ ସାଜିଲା ଯେ କାଳ
ଜ୍ୱରକୁ ଆଣିଲା ଡାକି
ଅଣସର ଗୃହେ ଶୋଇଲେ ସାଆନ୍ତ
ଶ୍ରୀବଦନ ଗଲା ଶୁଖି ।
ଅନ୍ନ ପ୍ରସାଦକୁ ନଛୁଇଁଲେ ନାଥ
ହେଲା ଫଳମୂଳ ନୀତି
ଦଶମୂଳ ବୁଟି ଫୁଲୁରି ତେଲରେ
ହେଲା ଉପଚାର ବିଧି ।
ବିଶ୍ରାମ କାଳରେ ପଟିଦିଅଁ ପୂଜା
ହେଲା ବିଧି ଅନୁଯାୟୀ
ଅଲାରନାଥଙ୍କୁ ଦର୍ଶନ କରିଲେ
ଅଗଣିତ ଭକ୍ତ ଯାଇ ।
ଅଣସର କାଳେ ଅଲାରନାଥଙ୍କୁ
ଯେ'କରେ ଭକ୍ତି ପ୍ରଣାମ
ସୁଖ ଶାନ୍ତି ତା'ର ଗୃହେ ବିରାଜଇ
ଖୁସିରେ କଟେ ଜୀବନ ।
ଅଲାରନାଥଙ୍କ ଦରଶନ ଲାଗି
ଆସ ବ୍ରହ୍ମଗିରି ଯିବା
ବେନି ହାତ ଯୋଡି ପ୍ରଭୁଙ୍କ ଚରଣେ
ଦୀପଟିଏ ଜଳାଇବା ।
ଶିଶୁ ବୋଲି ପ୍ରଭୁ ଦୂରେଇ ଦେବେନି
ଢାଳିବେ ଆଶିଷ ବାରି
ସୁକର୍ମ ସୁଧର୍ମ ସତ୍ୟ ନ୍ୟାୟ ଗୁଣ
ପରାଣରେ ଦେବେ ଭରି ।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ଅନବସର

### ନଗେନ୍ଦ୍ର ନାଥ ପଟ୍ଟନାୟକ



ସ୍ନାନ ପରେ ପ୍ରଭୁଙ୍କୁ ପରା
ଜର ଆସଇ ମାଡ଼ି
ଅନବସର ଘରେ ରହନ୍ତି
ଆପଣା ଘର ଛାଡ଼ି ॥
ଅନବସର ଉତ୍ସବ ଚାଲେ
ପନ୍ଦର ଦିନ ପାଇଁ
ଚାରି ଦିଅଁଙ୍କୁ ସେବା କରନ୍ତି
ଦଇତାପତି ଭାଇ ॥
ଶାବର ଗୁପ୍ତ ପୂଜାର ନାମେ
ଏଇ ଉତ୍ସବ ଖ୍ୟାତ
ଶ୍ରୀବିଗ୍ରହ ପୂଜା କରନ୍ତି
ଗୁପତେ ସେବାୟତ ॥
ଅନବସର ଘରର ନାମ
ଅଟେ ନିରୋଧାଳୟ (ବନ୍ଦଘର)
ଦିଅଁଙ୍କ ସେବା ପୂଜା ଅର୍ଚ୍ଚନ
ଦୟିତାଙ୍କର ଦାୟ ॥
ତାଟି ଫିଟଇ ଉଭା ଉଆଁସେ
ଦିଅଁ ଦର୍ଶନ ପାଇଁ
ଧନ୍ୟ ମଣନ୍ତି ଭକତ ଜନେ
ଦିଅଁ ଦର୍ଶନ ପାଇ ॥
ଭକ୍ତଙ୍କୁ ଦେଖା ଦିଅନ୍ତି ପ୍ରଭୁ
ଦିନେ ଦି ଦିନ ପାଇଁ
ଶିରୀ କ୍ଷେତ୍ରରେ ରଥ ଯାତରା
ତାପରେ ହୁଏ ଯାଇ ॥

ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓସ୍କାର ସିଟି, ଲକ୍ଷ୍ମୀସାଗର କେନାଲରୋଡ
ମୋ-୯୪୩୮୩୩୨୧୩୮

# ଶ୍ରୀ ଅଲାରନାଥଙ୍କୁ କରିବା ଦର୍ଶନ

### ସୁଧାକର ରାଉତ



ଗ୍ରୀଷମ ତାପେ ହୋଇ ହନ୍ତସନ୍ତ
ଭଗ୍ନୀ ଭାଇ ସଙ୍ଗେ କଳା ସାଆନ୍ତ
ରତନ ବେଦୀକୁ ଛାଡ଼ି
ସିନାନ ବେଦୀକୁ କରିଲ ଗମନ
ପହଣ୍ଡିରେ ଧାଡ଼ି ଧାଡ଼ି ।

ଆହେ ଚତୁର୍ଦ୍ଧା ମୂର୍ତ୍ତି ମନଭରି
ଭିଜିଲ ଜଳରେ ସବୁ ପାଶୋରି
ଜ୍ୱରରେ ହୋଇ ଆକ୍ରାନ୍ତ
ଅଣସର ଘରେ ଉପଚାର ଲାଗି
ରହିବ ହେ ଲକ୍ଷ୍ମୀକାନ୍ତ ।

ପ୍ରଭୁ ଅଲାରନାଥ ଏ ସମୟେ
ଦର୍ଶନ ଦେବେ ଭକ୍ତ ସମୁଦାୟେ
ସେ ଜଗନ୍ନାଥଙ୍କ ରୂପ
ଅନବସରେ ତାଙ୍କୁ ଦର୍ଶନ କରିଲେ
ମିଳେ ଫଳ ଅନୁରୂପ ।

ବୈଷ୍ଣବ ପୀଠ ନାମେ ସେ ବିଦିତ
ପ୍ରତୀକ ଦିଅଁ ଭାବରେ ପୂଜିତ
ଚତୁର୍ଦ୍ଦଶ ଦିନ ଧରି
ସେ ଦର୍ଶନ ଦେବେ ଭିନ୍ନ ଭିନ୍ନ ରୂପେ
ଭକ୍ତ ମନ ତୋଷ କରି ।

କ୍ଷୀରି ଭୋଗ ଭକ୍ତ ଆନନ୍ଦ ମନେ
ନିର୍ମାଲ୍ୟ ତୁଲ୍ୟ ତା ଆତ୍ମ ଶୋଧନେ
ଲଭି ଦିବ୍ୟ ଅନୁଭୂତି

ପ୍ରାର୍ଥନା କରଇ ଶ୍ରୀ ଅଲାରନାଥେ
ଦେବାକୁ ଭାବ ଭକତି ।

ଧନ୍ୟ ପ୍ରଭୁ ଧନ୍ୟ ତୁମ ମହିମା
ତୁମ ଲୀଳାର ନାହିଁ କାହିଁ ସୀମା
ନିତି ତୁମ ଆରାଧନା
କଲେ ଅକ୍ଷୟ ଫଳ ପ୍ରାପତ ହୁଏ
ନାଶି ବିଷୟ ବାସନା ।

ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨



# ସକାଳ ଆଣେ ସକାଳ ବୁଣେ


### ଧ୍ରୁବ ଚରଣ ଘିବେଲା

ସକାଳ ଆଣେ ନୂଆ ସୂରୁଯ
ନୂଆ ଆଲୋକ ନେଇ
ପୂରୁବ ଦିଗ ଦିଶେ ସୁନେଲି
ରଙ୍ଗେ ରଙ୍ଗେଇ ହୋଇ ।
ସକାଳ ଆଣେ ନୂଆ କିରଣ
ନେଇକି ନୂଆ ଖରା
କିରଣ ପଡ଼ି ଆଲୁଅ ଖେଳି
ଜଗତ ଦିଶେ ତୋରା ।
ସକାଳ ଆଣେ ଆ' ଗୋଟେ ଦିନ
ନୂତନ ଆଶା ସାଥେ
ସୂରୁଯ ଢାଳେ ସୁନା କିରଣ
ସାରା ଜଗତ ହିତେ ।
ସକାଳ ବୁଣେ ପ୍ରତିଟି କ୍ଷଣେ
ନୂଆ କିରଣ ମାଳା
ଜନ ଜୀବନେ ଉଛୁଳି ଉଠେ
ନୂଆ ଜୀବନ ଧାରା ।
ସକାଳ ବୁଣେ କେତେ ଯେ ଆଶା
ସକଳ ମନ ପ୍ରାଣେ
ସେ ଭାଗ୍ୟବାନ ଯେ ଥାଏ ରହି
ସକଳ ଭଲ କାମେ ।
ସକାଳ ବୁଣେ ମରତ ଧାମେ
ସତ୍ୟ ଅହିଂସା ବାଣୀ
ସକାଳ ସତ ନୁହେଁ ମିଛ
ସତ୍ୟ ହିଁ ସାର ବାଣୀ ।
ସକାଳ ସୂର୍ଯ୍ୟ ଉଏଁ ସେ ନିତ୍ୟ
ରହିକି ନିରଳସ
ସଭେ ସେମିତି କାମେ ରହିକି
କାମ କର ସରସ ।

ବଉଦରାଜ-୭୬୨୦୧୪, ବୌଦ୍ଧ
ମୋ-୯୪୩୭୪୭୮୪୬୬

# ଗଛ ଓ ବାଟୋଇ

### କୀର୍ତ୍ତନ ସାହୁ



ଗଛଟି କହିଲା ହେ ବାଟୋଇ ଭାଇ
ମୋ ଛାଇରେ ଟିକେ ବସ
ଥକ୍କା ମାରି ଦେହୁ ଝାଳ ଶୁଖିଗଲେ
ଧୀରେ ଧୀରେ ପଛେ ଖସ ।

ତମ ଭାଇ ବନ୍ଧୁ ପାଇଁ ସିନା ଆଜି
ବଢ଼ି ଦେଉ ଅଛି ଛାଇ
ଜଗି ରଖି ମୋତେ ବଞ୍ଚାଇ ଥିବାରୁ
ଧନ୍ୟବାଦ ଦେଉଥାଇ ।

ଅମଣିଷ ହୋଇ ମୋ ଭାଇ ବନ୍ଧୁଙ୍କୁ
କେହି ଯଦି ହାଣି ଥାଏ
ଜୀବନ କାଳରେ ଦିନେ ନାହିଁ ଦିନେ
ସିଏ ତାର ଫଳ ପାଏ ।

ଆମରି ଯତନ ନେଲେ ସିନା ତମେ
ତମରି ଯତନ ନେବୁ
ଯେତେ ବେଳେ ଯାହା ଦରକାର ତମ
ଆମେ ସବୁ ଖଞ୍ଜି ଦେବୁ ।

ଡାଳ ପତ୍ର ଫୁଲ ଫଳ ସବୁ ଦେବୁ
ଦରକାର ତମ ଯାହା
ତମେ ପାଇ ନିଜ କାମେ ଲଗାଇବ
ଅନିଷ୍ଟ କରନି କାହା ।

ପରିବେଶ ତମ ଶୁଦ୍ଧ କରିବାକୁ
ଅମ୍ଳଜାନ ଆମେ ଦେଉ
ଗରଳକୁ ଶିବ ପାନ କଲାପରି
ଅଙ୍ଗାରକାମ୍ଳକୁ ନେଉ ।

ନିଜେ ତମେ ବୁଝ ଅନ୍ୟକୁ ବୁଝାଅ
ଆମେ ଖାସ୍ ତମ ପାଇଁ
ଆମ ସଂଖ୍ୟା ଯେତେ ବଢ଼ାଇବ ତମେ
ସେତେ ଉପକାର ପାଇ ।

ଗଛ କଥା ଶୁଣି ବାଟୋଇ ଭାଇଟି
ସବୁ କଥା ଗଲା ବୁଝି
ଶପଥ ନେଲା ସେ ଗଛ ଲଗାଇକି
ଗଛ ଋଣ ଦେବ ଶୁଝି ।

ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର
ଦୂରଭାଷ- ୯୪୩୮୪୧୪୭୦୧



# ଭାଇରେ ଭାଇ ମୋ ପୋଲିସି ଭାଇ

### ସୁରମା ମିଶ୍ର

ଭାଇରେ ଭାଇ ମୋ ପୋଲିସ ଭାଇ
କେତେ ଉପକାର କରୁଛୁ ତୁହି
କି ସୁନ୍ଦର ଖାକି ପୋଷାକ ତୋର
ପିନ୍ଧିଲେ ଉତ୍ସାହ ବଢ଼େ ମନର ॥

ରଖିବୁରେ ଭାଇ ତାର ସମ୍ମାନ
କରିବୁନି କେବେ ତା ଅପମାନ
ଯେତେ ବାଧାବିଘ୍ନ ଆସୁ ଜୀବନେ
ଅବହେଳା କରିବୁନି ତୋ କାମେ ॥

କରୋନା ବେଳେ ତୁ ଯୋଦ୍ଧା ସାଜିଲୁ
କରୋନା ଯୋଦ୍ଧା ଉପାଧି ପାଇଲୁ
ଅସହାୟ ଆଉ ନିର୍ଯାତିତକୁ
ପ୍ରଥମେ ସୁରକ୍ଷା ଦେବୁ ତାହାଙ୍କୁ ॥

ହାତରେ ବାଡ଼ିଟି ସଦା ଧରିବୁ
ଅସାମାଜିକଙ୍କୁ ସାବାଡ଼ କରିବୁ ॥
ସୁସ୍ଥ ସମାଜଟେ ଆମେ ଗଢ଼ିବା
ଶାନ୍ତିର ବାତାବରଣ ବାହିବା

ରାଇଜେ ଶାନ୍ତି ପ୍ରତିଷ୍ଠା ହୋଇବ
ସୁଖରେ ସଭିଙ୍କ ଦିନ କଟିବ
ସଭିଏଁ କହିବେ ବାହାରେ ବାଃ
ଆମରି ପୋଲିସ କେତେ ବଢିଆ ॥

ବିଏଲ୍-୩୯, ଭିଏସ୍ଏସ୍ ନଗର,
ଭୁବନେଶ୍ୱର



# ପବନ ସବାରି ମଉସୁମୀ ଆଣି

### ମହେନ୍ଦ୍ର କୁମାର ଘଡ଼େଇ

ଦକ୍ଷିଣ-ପଶ୍ଚିମ ଦିଗରୁ ବହିଲା
ଦେଖ ସୁଲୁ ସୁଲୁ ବାଆ
ବିଶାଳ ଆକାଶୁ ଘୂରିଘୂରି କଳା
ବରଷୁଛି ଛାଁ ଛାଁ ।
ମୋହଭଙ୍ଗ କରି ଗ୍ରୀଷମ ଉତ୍ତାପ
ଧରା ଛାଡ଼ି ଚାଲିଯାଏ
ପବନ ସବାରି ମଉସୁମୀ ଆଣି
ରିମ୍‌ଝିମ୍ ଗୀତ ଗାଏ ।
ଗଛଲତା ଜୀବଜନ୍ତୁ ଯେତେ ଥିଲେ
ନାଚିଲେ ମିଳାଇ ମନ
ଖୁସିର ଲହରି ଆଣିଅଛି ଯାହା
ଚାହିଁଥିଲୁ ଏତେ ଦିନ ।
ନଦୀ ନାଳ କୂଅ ପୋଖରୀ ଉଛୁଳେ
ଚାଷୀଯିବ ହଳ କରି
ସବୁଜ ରଙ୍ଗର ଝିଲିମିଲି ପାଟ
ଦେଖି ଯିବ ମନ ପୂରି ।
ରୋଗ ଦୁଃଖ ଶୋକ ଛାଡ଼ି ଚାଲିଯିବ
ମଙ୍ଗଳକାରିଟି ସିଏ
ସାଥୀ ମେଳ କରି ଆମ ହିତେ ଆମ
ହୋଚେ ପୋତ ଚାରାଟିଏ ।
ଏଇ ଆମ ସଫା ମନ ପରି ଯତ୍ନ
ପ୍ରକୃତିରାଣୀର ନେଲେ
ସିଏ ନିଜେ ଭଲ ରହି ଆମକୁ ସେ
ରଖିବ ଜାଣିଥା' ଭଲେ ।

କ୍ଷେତ୍ରମୋହନ ବିଦ୍ୟାପୀଠ,
କଟରପଡ଼ା, ପିଠାପଡ଼ା, ନିଶ୍ଚିନ୍ତକୋଇଲି
ମୋ-୯୪୩୭୭୪୦୫୬୬

# ପରଜାପତି

### ତରୁଣ କୁମାର ଦାଶ



ପରଜାପତି ଲୋ ପରଜାପତି
ଫୁଲରୁ ଫୁଲ ତୁ ଉଡ଼ୁଛୁ ନିତି
ହାତକୁ କେବେ ତୁ ଦଉନୁ ଧରା
ଫୁଲେଇ ହଉଛୁ ସୁନ୍ଦରୀ ତରା
କଅଣ ଖାଉ ତୁ କଅଣ ପିଉ
ସଭିଏଁ କହନ୍ତି ଶୋଷଇ ମହୁ
ଧଳା ନେଳି ନାଲି କେତେ ଯେ ରଙ୍ଗ
ରଙ୍ଗୋଲି ପଡ଼ିଛି ତୋ ସାରା ଅଙ୍ଗ
ଉଡ଼ି ବୁଲୁଥାଉ ହରଷ ମନେ
ଲୁଚକାଳି ଖେଳୁ ଫୁଲ ଗହଣେ
ଖେଳିବୁ ଯଦି ତୁ ମୋ ସାଥିରେ
ମହୁ ଖୁଆଇବି ସୁନା ଥାଳିରେ ।

ଶିକ୍ଷକ, ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, କୋରାପୁଟ
ମୋ-୭୦୭୭୦୬୬୦୭୪

# ଜୁଲାଇ ମାସର ପର୍ବପର୍ବାଣୀ

### ନିରଞ୍ଜନ ସାହୁ



ଆସିଲା ଜୁଲାଇ ମାସ
ନାତିନାତୁଣୀଏ ଆସ
ଏ ମାସରେ କେଉଁ ପରବ ପଡିବ
ଗୋଟିଏ ସରିଲେ ଆନଟି ଗଡିବ
କରିବି ମୁଁ ପରକାଶ
ବସ ମୋର ଚଉପାଶ ।

ଆଇ ମୁଖୁ ଶୁଣି ବାଣୀ
ପିଲାମାନେ ସପ ଆଣି
ସପ ପକାଇକି ସର୍ବେ ଗଲେ ବସି
ଆଇମା' ପିଲାଙ୍କୁ ଚାହିଁ ଦେଲେ ହସି
କୋଳକୁ ଆଣିଲେ ଟାଣି
ଗେଲ କଲେ ଜାଣି ଜାଣି ।

ପିଲାଙ୍କୁ ପାଖରେ ପାଇ
ଏଥର କହିଲେ ଆଇ
ଜୁଲାଇରେ ଅନବସର ପଡଇ
ଏହାପରେ ନେତ୍ର ଉତ୍ସବ ଗଡଇ
ଭକତି ଭାବରେ ଥାଇ
ମହାବାହୁ ଦେଖ ଯାଇ ।

ଏହାପରେ ରଥଯାତ
ରଥେ ବିଜେ ଜଗନ୍ନାଥ
ରଥଯାତ ଚାଲେ ନଅ ଦିନ ଧରି
ବାହୁଡ଼ା ବିଜୟ ଗଲେ ଯାଏ ସରି
ଭକତେ ଯୋଡନ୍ତି ହାତ
ରାଗିଥାନ୍ତି ଲକ୍ଷ୍ମୀମାତ ।

କର୍କଟ ସଂକ୍ରାନ୍ତି ପଡ଼େ
ହେରା ପଞ୍ଚମୀଟି ଗଡ଼େ
ବାହୁଡ଼ା ଯାତରେ ରଥ ଲେଉଟିବ
ଏହା ପରେ ସୁନାବେଶ ହେଉଥିବ
ଅମାନିଆ ମନ ଉଡ଼େ
ଭକତି ରସରେ ଜଡ଼େ ।

ଅଧର ପଣାର ନୀତି
ନୀଳାଦ୍ରି ବିଜୟ ଗୀତି
ମହାପ୍ରଭୁଙ୍କର ଏହି ଲୀଳାଖେଳା
ଭବ ସାଗରକୁ ମୁକତିର ଭେଳା
ବ୍ୟାସ ପୂର୍ଣ୍ଣିମାର ରୀତି
ଗୁରୁ ଭକ୍ତି ଏଇମିତି ।

ଆଇମା' କଥାରେ ରସି
ପିଲାମାନେ ଦେଲେ ହସି
କହିଲେ, ଆଇମା' ଅନେକ ଜାଣିଲୁ
ତୁମରି କଥାକୁ ମନକୁ ଆଣିଲୁ
ମୁଣ୍ଡରେ ଯାଇଛି ପଶି
ଆଉ ନପାରିବ ଖସି ।

ନିହଳ ପ୍ରସାଦ, ଗଁଦିଆ ପାଟଣା
ମୋ-୯୯୩୮୭୪୧୫୮୩



ସୁଧାଂଶୁ ଶେଖର ଦ୍ୱିବେଦୀ

# ସାନୁର ଜିଜ୍ଞାସା



ସାନୁ ତା' ମା' ସହ କାବେରୀ ମାଉସୀ ଘରକୁ ଯାଇଥାଏ । ତାଙ୍କ ବୈଠକଖାନାରେ ସୁନ୍ଦର ସୁନ୍ଦର ଫୁଲଦାନୀ, ରଙ୍ଗୀନ ଚିତ୍ର ଓ ଛୋଟ ଛୋଟ ଗଛ ଚାରା ସବୁ ସଜା ହୋଇଥାଏ । ମା' ଓ କାବେରୀ ମାଉସୀ କଥାବାର୍ତ୍ତାରେ ମଜିଗଲେ । କିନ୍ତୁ ସାନୁ କୋଠରୀର ପ୍ରତିଟି ବସ୍ତୁକୁ ଧ୍ୟାନରେ ଦେଖୁଥାଏ । ହଠାତ୍ ତା' ଦୃଷ୍ଟି ଚିକ୍ ମିକ୍ କରୁଥିବା ଏକ ଧାତୁ ନିର୍ମିତ ଆକୃତି ଉପରେ ପଡ଼ିଲା ।

ମା' ଦେଖିଲୁ ସେଇଟା କଇଁଛ ଭଳି ଦେଖାଯାଉଛି । ସାନୁ ଉତ୍ସାହରେ ମା'କୁ କହିଲା ।

ମା' କହିଲେ- ହଁରେ ବାପା ସେଇଟା କଇଁଛର ଆକୃତି । ଅନେକ ଲୋକ କଇଁଛକୁ ଭଗବାନ ବିଷ୍ଣୁଙ୍କ ଅବତାର ମାନି ଘରେ ତା'ର ଆକୃତି ରଖିଥାନ୍ତି । ଆଉ କେତେକ ବିଷ୍ଣୁ ଓ ମାତା ଲକ୍ଷ୍ମୀ ଯେମିତି ଏକ ସହିତ ରହିଥାନ୍ତି, ଶୁଭ, ସୁଖ, ସମୃଦ୍ଧି, ଧନ ଏବଂ ସୌଭାଗ୍ୟ ନିମନ୍ତେ ତା' ଆକୃତି ଘରେ ରଖନ୍ତି । ସାନୁ ସବୁକିଛି ଶୁଣୁଥାଏ । ତା' ମନରେ କଇଁଛକୁ ନେଇ କେତେ କେତେ ଜିଜ୍ଞାସା ।

କିଛି ସମୟ ପରେ କାବେରୀ ମାଉସୀ ଚାହା ଜଳଖିଆ ଧରି ପହଞ୍ଚିଲେ । ମା'ପୁଣି କଥାବାର୍ତ୍ତାରେ ବ୍ୟସ୍ତ ରହିଲା । ହେଲେ କଇଁଛ ବିଷୟରେ ଅଧିକ ଜାଣିବାପାଇଁ ସାନୁର ମନ ଥୟ ଧରୁନଥାଏ ।

ଘରକୁ ଫେରିବାପରେ ପାଠ୍ୟ ପୁସ୍ତକ ବାହାର କରି ପଢିବାକୁ ବସିଲା । କିନ୍ତୁ ପାଠପଢ଼ାରେ ତା' ମନ ଆଦୌ ଲାଗୁନଥାଏ । ମା' ପାଖରେ ପହଞ୍ଚି ପଚାରିଲା- ଆଛା ମା' କଇଁଛ ବିଷୟରେ ଆଉ କଣ ଜାଣିଛୁ ମୋତେ କହ ତ... ।

ପୁଅର ଜିଜ୍ଞାସା ମନୋବୃତ୍ତି ଦେଖି ମା' କହିଲେ- ହଉ ଶୁଣ, କଇଁଛ ବହୁଦିନ ଧରି ଜୀବୀତ ରହେ । କଇଁଛର କିଛି ପ୍ରଜାତି ୨୫୦ ବର୍ଷରୁ ୪୦୦ ବର୍ଷ ଯାଏ ଜୀବିତ ରୁହନ୍ତି । ସେଥିପାଇଁ ଲୋକମାନେ କଇଁଛକୁ ଦୀର୍ଘାୟୁ ଓ ସ୍ଥିରତାର ପ୍ରତୀକ ବୋଲି ମାନିଥାନ୍ତି ।

ସାନୁ ଆଶ୍ଚର୍ଯ୍ୟ ହୋଇ କହିଲା- ଆରେ ବାପରେ.... କଇଁଛ ଏତେବର୍ଷ ଯାଏ ବଞ୍ଚିରହେ ?

ହଁରେ ସାନୁ, ତୁ ଜାଣିନୁ, କଇଁଛ ଏତେଦିନ ଧରି ବଞ୍ଚି ରହିବାର ଏକ ରହସ୍ୟ ଅଛି । ତା'ର ପ୍ରକୃତି ଧୀର, ନମ୍ର ଏବଂ ଖୁବ୍ ଧୀରେ ଧୀରେ ଶ୍ୱାସ ପ୍ରଶ୍ୱାସ ନିଏ ଓ ଛଡ଼େ । ପ୍ରାୟ ଗୋଟେ ମିନିଟ୍‌ରେ ୨ରୁ ୩ ଥର ଶ୍ୱାସକ୍ରିୟା କରିଥାଏ । ତାଛଡା ସମୁଦ୍ରରେ ରହୁଥିବା କିଛି କଇଁଛ ଦିନ ଦିନ ଧରି ଶ୍ୱାସକ୍ରିୟା ନକରି ସେମିତି ଶୋଇ ରହିଥାନ୍ତି ।

ସାନୁ ପୁଣିଥରେ ପଚାରିଲା- ଆଛା ମା' କହିଲୁ କଇଁଛକୁ କେହି ଅସୁବିଧାରେ ପକାଇଥାଏ ?

ହଠାତ୍ ମା'ଙ୍କର ମୁଖମଣ୍ଡଳ ଗମ୍ଭୀର ହୋଇଗଲା । ନିଜକୁ ସମ୍ଭାଳି କହିଲେ- ହଁରେ ବାପା, ଅନେକ ଲୋକ ତାକୁ ମାରି ତା' ମାଂସ ଖାଆନ୍ତି ତଥା ତା'ର କବଚ ଭଳି ଖୋଳରେ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର ତିଆରି କରନ୍ତି । ଆଉ କେତେକ ଶିକାରୀ ତାକୁ ଧରି ବଜାରରେ ବିକ୍ରି କରିଦିଅନ୍ତି । ସମୁଦ୍ର ମଧ୍ୟରେ ସାର୍କ ମାଛ ତାକୁ ଶିକାର କରି ଖାଇଯାଏ ।

ଇଏତ ବଡ଼ ଖରାପ କଥା ମା' । କଇଁଛଙ୍କ ପ୍ରତି ଏମିତି ଅତ୍ୟାଚାର ହେଲେ ନିଶ୍ଚିତ ଦିନେ ସଂସାରରୁ ତାଙ୍କ ବଂଶ ଲୋପ ପାଇଯିବ ।

ସେଥିପାଇଁ ତ ପୂରା ବିଶ୍ୱ ପ୍ରତିବର୍ଷ ମଇ ୨୩ ତାରିଖରେ କଇଁଛ ଦିବସ ପାଳନ କରୁଛି । କଇଁଛର ପାଳନ ପୋଷଣ କେମିତି ହେବ ତା'ର ସଠିକ୍ ପଦକ୍ଷେପ ନିଆହେଉଛି । ତୁ ଜାଣୁ ସାନୁ ଦୁନିଆରେ ଗୋଟେ ପ୍ରସିଦ୍ଧ କଇଁଛ ଅଛି । ତା' ନାଁ ଜୋନାଥନ । ଏପର୍ଯ୍ୟନ୍ତ ତା'ର ବୟସ ୧୯୩ ବର୍ଷ ହେଲାଣି । ଦକ୍ଷିଣ ଆଟଲାଣ୍ଟିକ୍‌ରେ ସ୍ଥିତ ସେଣ୍ଟ୍ ହେଲେନା ଦ୍ୱୀପର ଗଭର୍ଣ୍ଣର ହାଉସ୍‌ରେ ତାକୁ ରଖା ହୋଇଛି । ତା'ର ଦେଖା ଶୁଣା ଜଣେ ଅତିଥି ଭଳି କରା ହେଉଛି ।

ଆରେ ବାପ୍‌ରେ କଇଁଛ ବିଷୟରେ ଏତେ କଥା ଅଛି ଅଥଚ ମୁଁ ଜାଣେନାହିଁ । ମୁଁ ଆସନ୍ତା କାଲି ମୋ ସ୍କୁଲର ସବୁ ସାଙ୍ଗମାନଙ୍କୁ ଏକଥା ଜଣାଇବି । ମା' ସ୍ନେହର ପରଶରେ ସାନୁ ମୁଣ୍ଡରେ ହାତ ରଖିଲେ । ସାନୁ କଇଁଛ ବିଷୟରେ ଜାଣି ଖୁସିରେ ବିଭୋର ହେଉଥାଏ ।

ବିସି-୭୪, ସଲ୍ଟ ଲେକ୍,
କୋଲକତା-୬୪
ମୋ-୯୬୮୧୩୭୩୫୧୨

# ପାଣ୍ଡ୍ୟାଙ୍କୁ ନେବାକୁ ୭ ଫ୍ରାଞ୍ଚାଇଜ୍ ଆଗ୍ରହୀ



**ନୂଆଦିଲ୍ଲୀ**

ହାର୍ଦ୍ଦିକ ପାଣ୍ଡ୍ୟା ଛାଡ଼ିପାରନ୍ତି ମୁମ୍ବାଇ ଇଣ୍ଡିଆନ୍ସ। ଏମିତି ଏକ ଚର୍ଚ୍ଚା ଲାଗି ରହିଥିବାବେଳେ ପାଣ୍ଡ୍ୟାଙ୍କୁ ନିଜ ଦଳରେ ସାମିଲ କରିବା ପାଇଁ ଫ୍ରାଞ୍ଚାଇଜଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଛି। ପାଣ୍ଡ୍ୟାଙ୍କୁ ନେଇ ଅନ୍ୟ ଟିମ୍ ବାଣିଜ୍ୟିକ ଚୁକ୍ତି କରିପାରନ୍ତି ବୋଲି ଆଲୋଚନା ଚାଲିଛି। ତେବେ ସେ କେଉଁ ଦଳରେ ସାମିଲ ହେବେ ଏହାକୁ ନେଇ ସୋସିଆଲ ମିଡିଆରେ ବିଭିନ୍ନ ଚର୍ଚ୍ଚମାନ ଦେଖିବାକୁ ମିଳିଛି। ହାର୍ଦ୍ଦିକଙ୍କୁ ନେବାକୁ ୭ଟି ଫ୍ରାଞ୍ଚାଇଜ୍ ମଧ୍ୟରେ ପ୍ରତିଯୋଗିତା ଦେଖିବାକୁ ମିଳିଛି। ତଥାପି କୋଲକାତା ଏବଂ ଚେନ୍ନାଇ ପାଣ୍ଡ୍ୟାଙ୍କୁ ନିଜ ଟିମ୍‌ରେ ସାମିଲ କରିବା ପାଇଁ ଆଗରେ ରହିଛନ୍ତି। ଚେନ୍ନାଇ ସୁପରକିଙ୍ଗ୍ସ ହାର୍ଦ୍ଦିକଙ୍କୁ ନିଜ ଦଳରେ ସାମିଲ କରିବା ପାଇଁ ଚାହୁଁଛି। ଧୋନୀଙ୍କ ପରେ ଦଳରେ ସନ୍ତୁଳନ ଏବଂ ଅଧିନାୟକତ୍ୱ ପାଇଁ ନେଇପାରେ ବୋଲି ଆଲୋଚନା ହେଉଛି। ତଥାପି ଏନେଇ କୌଣସି ଅଫିସିଆଲ ସୂଚନା ମିଳିନାହିଁ। ରିପୋର୍ଟରେ ପ୍ରକାଶ ପାଇଛି କି, ମୁମ୍ବାଇ, କୋଲକାତା ଏବଂ ଚେନ୍ନାଇ ମଧ୍ୟରେ ଆଲୋଚନା ଖୋଲା ଅଛି। ବିଭିନ୍ନ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ହେଉଛି। କିନ୍ତୁ ଏନେଇ ଏଯାବତ କୌଣସି ଫ୍ରାଞ୍ଚାଇଜ୍ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇନାହିଁ। ସେପଟେ କୌଣସି ଖେଳାଳିଙ୍କ ବିନା ଅନୁମତିରେ କୌଣସି ଚୁକ୍ତି ମଧ୍ୟ ହୋଇପାରିବ ନାହିଁ। ମାତ୍ର ମୁମ୍ବାଇ ପାଣ୍ଡ୍ୟାଙ୍କ ଅଧିନାୟକତ୍ୱରେ ଚଳିତ ସିଜିନରେ ଖରାପ ପ୍ରଦର୍ଶନ କରିଥିଲା। ଏଣୁ ତାଙ୍କୁ ସମାଲୋଚନା କରାଯାଇଥିବାବେଳେ ଦଳରେ ମତଭେଦ ରହିଥିବା ମଧ୍ୟ ଆଲୋଚନା ହୋଇଛି। ଯେଉଁ କାରଣରୁ ହାର୍ଦ୍ଦିକ ଦଳ ଛାଡ଼ିପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି।

## ଆଇସିସି ଟି-୨୦ ର୍‍ୟାଙ୍କିଂ

# ଇଶାନ କିଶନ ହେଲେ ବିଶ୍ୱର ୧ ନମ୍ବର ଟି-୨୦ ବ୍ୟାଟର

**ମୁମ୍ବାଇ**

ଭାରତୀୟ ୱିକେଟକିପର ବ୍ୟାଟର ଇଶାନ କିଶନ କମାଲ୍ କରିଛନ୍ତି। ଟି-୨୦ ର୍‍ୟାଙ୍କିଂରେ ନମ୍ବର ୱାନର ପଜିସନ ହାସଲ କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ୍ (ଆଇସିସି) ବୁଧବାର ତାଜା ର୍‍ୟାଙ୍କିଂ ଜାରି କରିଛି। ଯେଉଁଥିରେ ଇଶାନ କିଶନ ଟି-୨୦ରେ ଟପ୍‌ରେ ରହିଛନ୍ତି।

ଇଶାନ ସାଥି ଖେଳାଳି ଅଭିଷେକ ଶର୍ମାଙ୍କଠାରୁ ପ୍ରଥମ ସ୍ଥାନ ଛଡ଼ାଇ ନେଇଛନ୍ତି। ଯିଏ ଏବେ ଦ୍ୱିତୀୟ ନମ୍ବରରେ ଅଛନ୍ତି। ଇଶାନଙ୍କ ରେଟିଂ ୮୭୬ ହୋଇଯାଇଛି। ଯାହାକି ଅଭିଷେକ ରେଟିଂ ୮୬୯ ଅଟେ। ଟପ୍ ର୍‍ୟାଙ୍କିଂରେ ପାକିସ୍ତାନର ବ୍ୟାଟର ସାହିବଜାଦତା ଫରହାନ ବି ଅଛନ୍ତି, ଯିଏ ତୃତୀୟ ସ୍ଥାନରେ ଅଛନ୍ତି। ତାଙ୍କ ରେଟିଂ ୮୪୮ର ଅଟେ। ମାତ୍ର ତାଜା ର୍‍ୟାଙ୍କିଂରେ ତାଙ୍କ ପଜିସନରେ କୌଣସି ପରିବର୍ତ୍ତନ ହୋଇନାହିଁ।

ଆଗକୁ ବଢ଼ି ଇଂଲଣ୍ଡର ଫିଲ ସାଲ୍ଟ ୭୯୨ ରେଟିଂ ସହ ଚତୁର୍ଥ ଏବଂ ଶ୍ରୀଲଙ୍କାର ପଥୁମ ନିଶାଙ୍କା



୭୫୧ ରେଟିଂ ସହ ପଞ୍ଚମ ନମ୍ବରରେ ଅଛନ୍ତି। ଏହିଭଳି ଭାବେ ର୍‍ୟାଙ୍କିରେ ଟପ୍-୫ରେ ଭାରତର ଦୁଇ, ପାକିସ୍ତାନର ଜଣେ, ଇଂଲଣ୍ଡର ଜଣେ ଏବଂ ଶ୍ରୀଲଙ୍କାର ଜଣେ ଖେଳାଳି ସାମିଲ ଅଛନ୍ତି। ପ୍ରଥମ ୭ମରେ ଥିବା ସୂର୍ଯ୍ୟକୁମାର ଯାଦବ ୮ମ ସ୍ଥାନକୁ ଖସି ଆସିଛନ୍ତି। ପ୍ରକାଶ ଯେ, ଅଧିନାୟକତ୍ୱ ଯିବା ସହ ସୂର୍ଯ୍ୟ ଟିମ୍ ଇଣ୍ଡିଆରୁ ବି ବାହାରି ଯାଇଛନ୍ତି। ଟିମ୍‌ରେ ତାଙ୍କର ଫେରିବାର ବି ଆଶା ବହୁତ କମ୍ ନଜର ଆସୁଛି। ଟପ୍-୧୦ ଭିତରେ ପ୍ରାୟ ୪ ଭାରତୀୟ ବ୍ୟାଟର ଅଛନ୍ତି। ସେମାନଙ୍କ ମଧ୍ୟରୁ ଷଷ୍ଠ ନମ୍ବରରେ ତିଲକ ବର୍ମା ବି ଉପସ୍ଥିତ ଅଛନ୍ତି। ଯଦି ଆମେ ବୋଲିଂର ଟି-୨୦ ର୍‍ୟାଙ୍କିଂ ଉପରେ ନଜର ପକାଇବା ତେବେ ସେଥିରେ ବି ଭାରତୀୟ ଖେଳାଳିଙ୍କୁ କ୍ଷତି ହୋଇଥିବା ଦେଖାଯାଉଛି। ଟପ୍-୫ ଭିତରେ ଜଣେ ଭାରତୀୟ ବୋଲର ବରୁଣ ଚକ୍ରବର୍ତ୍ତି ଗୋଟିଏ ସ୍ଥାନ ତଳକୁ ଖସି ୩ ନମ୍ବରରେ ଅଛନ୍ତି। ଏବେ ବରୁଣଙ୍କ ରେଟିଂ ୭୨୫ ଅଟେ। ସେହିଭଳି ପୂର୍ବରୁ ୫ମ ନମ୍ବରରେ ଥିବା ଭାରତୀୟ ପେସର ଜସପ୍ରୀତ ବୁମ୍ରାହ ଷଷ୍ଠ ସ୍ଥାନକୁ ଖସି ଆସିଛନ୍ତି। ବୁମ୍ରାହଙ୍କ ରେଟିଂ ୬୮୮ ରହିଛି। ବରୁଣ ଏବଂ ବୁମ୍ରାହ ବୋଲିଂ ର୍‍ୟାଙ୍କିଂରେ ଟପ୍-୧୦ ଭିତରେ ଉପସ୍ଥିତ ଥିବା କେବଳ ଦୁଇ ଭାରତୀୟ ଅଟନ୍ତି।

# ଓମେନ୍ସ ଟି୨୦ : ଅଷ୍ଟମଥର ଫାଇନାଲରେ ୬ ଥରର ଚାମ୍ପିଅନ୍ ଅଷ୍ଟ୍ରେଲିଆ




**ନୂଆଦିଲ୍ଲୀ**

ଚଳିତ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ଆଧିପତ୍ୟ ଜାରି ରଖି ଅଷ୍ଟମ ଥର ଫାଇନାଲ୍‌ରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ସେମି ଫାଇନାଲ୍‌ରେ ଦଳ ୮ ୱିକେଟ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ପ୍ରଥମେ ବ୍ୟାଟିଂ କରି ୭ ୱିକେଟ୍ ହରାଇ ୧୨୫ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୧୩ ଓଭରରେ ୨ ୱିକେଟ୍ ବିନିମୟରେ ବିଜୟ ହାସଲ କରିଥିଲା। ଅଲରାଉଣ୍ଡ ପ୍ରଦର୍ଶନ କରି ଦଳକୁ ବିଜୟୀ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଆସଲି ଗାର୍ଡନର ପ୍ଲେୟାର ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ଆସନ୍ତା ୨ ତାରିଖରେ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ସେମି ଫାଇନାଲ୍ ଖେଳାଯିବ।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେବା ଅଷ୍ଟ୍ରେଲିଆ ପାଇଁ ଫଳପ୍ରଦ ସାବ୍ୟସ୍ତ ହୋଇଥିଲା। ଯଦିଓ ୱେଷ୍ଟଇଣ୍ଡିଜ୍‌ର ଓପନିଂ ଯୋଡ଼ି ଅଧିନାୟିକା ହେଲି ମାଥ୍ୟୁସ୍ ଓ କ୍ୱିୟାନ ଯୋଶେଫ୍ ୪୭ରନ୍ ସଂଗ୍ରହ କରିଥିଲେ। ମାଥ୍ୟୁସ ୩୦ ରନ୍ କରି ଆଉଟ ହେବା ପରେ ବିପର୍ଯ୍ୟୟ ଆରମ୍ଭ ହୋଇଯାଇଥିଲା। ଯୋଶେଫ ୧୬ ରନ୍ ବିଦାୟ ନେଇଥିବାବେଳେ ଷ୍ଟାଫାନି ଟେଲର ଓ ଜେ କ୍ଲକ୍ସଟନ୍ ଖାତା ଖୋଲି ପାରିନଥିଲେ। ଏସ୍. କ୍ୟାମ୍ପବେଲ ୨୨, ଚିନେଲି ହେନରୀ ୧୦ ରନ୍ କରି ଆଉଟ୍ ହେବା ସହ ଦଳ ୮୩ ରନ୍‌ରେ ୬ଟି ୱିକେଟ୍ ହରାଇଥିଲା। ମାତ୍ର ଗ୍ଲାସଗୋ ୧୫ ଓ ଡିଣ୍ଡ୍ରା ଡଟିନ୍ ୧୬ବଲ୍ ?ରେ ୨୬ ରନ୍ ଯୋଗ କରିବା ଫଳରେ ଦଳୀୟ ସ୍କୋର ୧୨୫ରେ ପହଞ୍ଚିଥିଲା।

ଅଷ୍ଟ୍ରେଲିଆ ପକ୍ଷରୁ ସୋଫି ମୋଲିନକ୍ସ, ଆସଲି ଗାର୍ଡନର ଓ ଜର୍ଜିଆ ୱାରେହାମ୍ ପ୍ରତ୍ୟେକ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ୧୨୬ ରନ୍ ବିଜୟ ଲକ୍ଷ୍ୟର ପିଛା କରି ଅଷ୍ଟ୍ରେଲିଆ ୬୪ ରନ୍‌ରେ ୨ଟି ୱିକେଟ୍ ହରାଇଥିଲା। ଜର୍ଜିଆ ଭୋଲ ୧୬ ଓ ଫୋଏବ ଲିଚ୍‌ଫିଲ୍ଡ ୪ରନ୍ କରି ଆଉଟ୍ ହୋଇଥିବାବେଳେ ଏଲିସ୍ ପେରୀ (୨) ରିଟାୟାର୍ଡ ହର୍ଟ ହୋଇଥିଲେ। ଅନ୍ୟ ଓପନର ବେଥ୍ ମୁନି ଅପରାଜିତ ୬୧ (୮ଚୌକା) ଓ ଗାର୍ଡନର ଅପରାଜିତ ୩୫ (୪ଚୌକା, ୧ଛକା) ରନ୍ କରି ଦଳକୁ ବିଜୟୀ କରାଇଥିଲେ।

# ଫିଫା ବିଶ୍ୱକପ୍ ୨୦୨୬ : ସ୍ୱିଡେନକୁ ପରାସ୍ତ କରି ରାଉଣ୍ଡ ଅଫ୍ ୧୬ରେ ପହଞ୍ଚିଲା ଫ୍ରାନ୍ସ, ଚମକିଲେ ଏମବାପ୍ପେ

**ନୂଆଦିଲ୍ଲୀ**

ସ୍ୱିଡେନକୁ ୩-୦ ରେ ପରାସ୍ତ କରି ଫ୍ରାନ୍ସ ଫିଫା ବିଶ୍ୱକପ୍ ୨୦୨୬ର ରାଉଣ୍ଡ ଅଫ୍ ୧୬ ରେ ସ୍ଥାନ ପକ୍କା କରିନେଇଛି। ଏହି ମ୍ୟାଚରେ କିଲିଆନ୍ ଏମବାପ୍ପେ ପୁଣିଥରେ ଚମତ୍କାର ପ୍ରଦର୍ଶନ କରି ଦୁଇଟି ଗୋଲ୍ ଦେଇଥିବା ବେଳେ, ବ୍ରାଡ୍‌ଲି ବାରକୋଲା ମଧ୍ୟ ଗୋଟିଏ ଗୋଲ୍ କରିଥିଲେ। ଏହାସହ ଫ୍ରାନ୍ସ ଟୁର୍ଣ୍ଣାମେଣ୍ଟରେ ନିଜର କ୍ରମାଗତ ବିଜୟ ଯାତ୍ରା ଜାରି ରଖିଛି। ବିଶ୍ୱକପ୍ ଇତିହାସରେ ଫ୍ରାନ୍ସ ପ୍ରଥମ ଦଳ ଭାବେ କ୍ରମାଗତ ପାଞ୍ଚଟି ମ୍ୟାଚରେ ଅତିକମରେ ତିନିଟି ଲେଖାଁଏ ଗୋଲ୍ କରିବାର ରେକର୍ଡ କରିଛି।

ଏମବାପ୍ପେ ଏହି ମୁକାବିଲାରେ ଦୁଇଟି ଗୋଲ୍ କରି ବିଶ୍ୱକପ୍‌ରେ ନିଜର ମୋଟ ଗୋଲ୍ ସଂଖ୍ୟା ୧୮ରେ ପହଞ୍ଚାଇଛନ୍ତି। ଏହାସହ ସେ ବିଶ୍ୱକପ୍ ଇତିହାସରେ ସର୍ବାଧିକ ଗୋଲ୍ କରିଥିବା ଖେଳାଳିଙ୍କ ତାଲିକାରେ ଦ୍ୱିତୀୟ ସ୍ଥାନକୁ ଚାଲିଆସିଛନ୍ତି। ସେ ଜର୍ମାନୀର ମିରୋସ୍ଲାଭ୍ କ୍ଲୋଜେଙ୍କୁ ପଛରେ ପକାଇ ଦେଇଛନ୍ତି ଏବଂ ଏବେ ତାଙ୍କ ଆଗରେ କେବଳ ଲିଓନେଲ ମେସି ରହିଛନ୍ତି। ଯାହାଙ୍କ ନାମରେ ୧୯ଟି ଗୋଲ୍ ରହିଛି।

ମ୍ୟାଚ୍ ବିଷୟରେ କହିଲେ ଫ୍ରାନ୍ସ ପ୍ରଥମ ହାଫ୍‌ରେ ଅନେକ ସୁଯୋଗ ସୃଷ୍ଟି କରିଥିଲା କିନ୍ତୁ ସ୍ୱିଡେନର ମଜବୁତ ରକ୍ଷଣଭାଗ ଯୋଗୁଁ ଗୋଲ୍ କରିପାରି ନଥିଲା। ଶେଷରେ ଏମବାପ୍ପେ ଚମତ୍କାର ଫୁଟୱର୍କ ପ୍ରଦର୍ଶନ କରି ପେନାଲ୍ଟି ବକ୍ସ ଭିତରୁ ଏକ ସାନଦାର ସଟ୍ ମାରି ଦଳକୁ ଅଗ୍ରଣୀ ଦେଇଥିଲେ। ଦ୍ୱିତୀୟ ହାଫ୍ ଆରମ୍ଭରୁ ହିଁ ଫ୍ରାନ୍ସ ମ୍ୟାଚ୍ ଉପରେ ନିଜର ପୂର୍ଣ୍ଣ ନିୟନ୍ତ୍ରଣ ସୁଦୃଢ଼ କରିନେଇଥିଲା। ମାଇକେଲ୍ ଓଲିସେ ଏକ ସୁନ୍ଦର ପାସ୍ ଦେଇ ବ୍ରାଡ୍‌ଲି ବାରକୋଲାଙ୍କ ପାଇଁ ସୁଯୋଗ ସୃଷ୍ଟି କରିଥିଲେ, ଯାହାକୁ ସେ ଗୋଲ୍‌ରେ ପରିଣତ କରିଥିଲେ।



ଏହାର କିଛି ସମୟ ପରେ ଓଲିସେ ଆଉ ଏକ ଚମତ୍କାର ପାସ୍ ଏମବାପ୍ପେଙ୍କୁ ଦେଇଥିଲେ ଏବଂ ଫ୍ରାନ୍ସ ଅଧିନାୟକ ବିନା କୌଣସି ଭୁଲରେ ନିଜର ଦ୍ୱିତୀୟ ଗୋଲ୍ ଦେଇଥିଲେ। ବିଶ୍ୱକପ୍‌ର ନକଆଉଟ୍ ମୁକାବିଲାରେ ଏହା ମଧ୍ୟ ଏମବାପ୍ପେଙ୍କ ୧୦ମ ଗୋଲ୍ ଥିଲା।

୭ମ ଥର ପାଇଁ ବିଶ୍ୱକପ୍ ପ୍ରି-କ୍ୱାର୍ଟରରେ ଫ୍ରାନ୍ସ : ଫ୍ରାନ୍ସ ୭ମ ଥର ପାଇଁ ବିଶ୍ୱକପ୍‌ର ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ସ୍ଥାନ ପକ୍କା କରିଛି। ଏହାପୂର୍ବରୁ ଦଳ ୧୯୮୬, ୧୯୯୮, ୨୦୦୬, ୨୦୧୪, ୨୦୧୮ ଏବଂ ୨୦୨୨ ରେ ମଧ୍ୟ ଏହି ପର୍ଯ୍ୟାୟରେ ପହଞ୍ଚିଥିଲା। କ୍ରମାଗତ ଚତୁର୍ଥ ଥର ପାଇଁ ରାଉଣ୍ଡ ଅଫ୍ ୧୬ରେ ପହଞ୍ଚିବା ମାମଲାରେ ଫ୍ରାନ୍ସ ଆଗରେ କେବଳ ବ୍ରାଜିଲ୍ ରହିଛି। ବର୍ତ୍ତମାନ ଜୁଲାଇ ୫ରେ ଫିଲାଡେଲଫିଆରେ ଏହି ଦଳର ମୁକାବିଲା ପାରାଗୁଏ ସହ ହେବ। ଏହି ମ୍ୟାଚରେ ଫ୍ରାନ୍ସ କ୍ରମାଗତ ତୃତୀୟ ଥର ପାଇଁ ବିଶ୍ୱକପ୍ ଫାଇନାଲ୍‌ରେ ପହଞ୍ଚିବା ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇବ।

ଆଇଭରି କୋଷ୍ଟକୁ ୨-୧ରେ ପରାସ୍ତ କଲା ନରୱେ : ଫିଫା ବିଶ୍ୱକପ୍ ୨୦୨୬ର ନକଆଉଟ୍ ଅନ୍ୟ ଏକ ମୁକାବିଲାରେ ଆଇଭରି କୋଷ୍ଟକୁ ୨-୧ ରେ ପରାସ୍ତ କରି ନରୱେ ଟୁର୍ଣ୍ଣାମେଣ୍ଟର ରାଉଣ୍ଡ ଅଫ୍ ୧୬ ରେ ନିଜର ସ୍ଥାନ ପକ୍କା କରିନେଇଛି। ଡଲାସରେ ଖେଳାଯାଇଥିବା ଏହି ଅତି ରୋମାଞ୍ଚକର ଏବଂ କଠିନ ମୁକାବିଲାରେ ନରୱେ ବିଜୟର ହିରୋ ପୁଣିଥରେ ଷ୍ଟାର୍ ଷ୍ଟ୍ରାଇକର୍ ଏର୍ଲିଙ୍ଗ ହାଲାଣ୍ଡ ସାଜିଥିଲେ। ଯିଏକି ଶେଷ ମୁହୂର୍ତ୍ତରେ ଏକ ଜାଦୁଗରୀ ଗୋଲ୍ ଦେଇ ନିଜ ଦଳକୁ ଏହି ଐତିହାସିକ ବିଜୟ ଦେଇଥିଲେ।

ଇକ୍ୱାଡୋରକୁ ଏକପାଖିଆ ପରାସ୍ତ କଲା ମେକ୍ସିକୋ : ଦିନର ଅନ୍ୟତମ ମ୍ୟାଚ୍‌ରେ ଇକ୍ୱାଡୋରକୁ ୨-୦ ରେ ପରାସ୍ତ କରି ମେକ୍ସିକୋ ଫିଫା ବିଶ୍ୱକପ୍ ୨୦୨୬ର ରାଉଣ୍ଡ ଅଫ୍ ୧୬ (ପ୍ରି-କ୍ୱାର୍ଟର ଫାଇନାଲ୍)ରେ ପ୍ରବେଶ କରିଛି। ଏହି ଐତିହାସିକ ବିଜୟ ସହ ମେକ୍ସିକୋ ବିଶ୍ୱକପ୍ ନକଆଉଟ୍ ପର୍ଯ୍ୟାୟରେ ଚାଲିଥିବା ତାହାର ୪୦ ବର୍ଷର ବିଜୟ ମରୁଡ଼ିର ଅନ୍ତ ଘଟାଇଛି। ଏଷ୍ଟାଡିଓ ଆଜ୍‌ଟେକା ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ମେକ୍ସିକୋ ପକ୍ଷରୁ ଜୁଲିଆନ୍ କ୍ୱିନୋନେସ୍ ୨୨ତମ ମିନିଟ୍‌ରେ ପ୍ରଥମ ଗୋଲ୍ କରିଥିବା ବେଳେ ରାଉଲ୍ ଜିମେନେଜ୍ ୩୧ତମ ମିନିଟ୍‌ରେ ଏକ ଚମତ୍କାର ଗୋଲ୍ ଦେଇ ଦଳକୁ ୨-୦ ରେ ଆଗୁଆ କରିଥିଲେ।

# ଜର୍ମାନୀର ବିପର୍ଯ୍ୟୟ ପରେ ବଡ଼ ଖୁଲାସା
# ପେନାଲ୍ଟି ନେବାକୁ ମନା କରିଥିଲେ ୪ ପ୍ଲେୟାର

**ନୂଆଦିଲ୍ଲୀ**

ଚଳିତ ବିଶ୍ୱକପର ୧୯ତମ ଦିବସରେ ବିରାଟ ବିପର୍ଯ୍ୟୟ ଘଟିଥିଲା। ୪ ଥର ଚାମ୍ପିଅନ୍ ଜର୍ମାନୀ ଓ ଅନ୍ୟତମ ୟୁରୋପୀୟ ଶକ୍ତି ନେଦରଲାଣ୍ଡ ପରାଜିତ ହୋଇ ବିଶ୍ୱକପ୍‌ରୁ ବିଦାୟ ନେଇଥିଲେ। ଜର୍ମାନୀକୁ ଟାଇବ୍ରେକରରେ ହରାଇ ପାରାଗୁଏ ପ୍ରିକ୍ୱାର୍ଟରରେ ପ୍ରବେଶ କରିଛି। ଜର୍ମାନୀର ବଡ଼ ବିପର୍ଯ୍ୟୟ ପରେ ଏକ ବଡ଼ ଖୁଲାସା ହୋଇଛି। ଜର୍ମାନୀ ଖବରକାଗଜ ୱିଲ୍ଡ ମୁତାବିକ ଦଳର ୪ ପ୍ଲେୟାର ପେନାଲ୍ଟି ସୁଟ୍‌ଆଉଟ୍ ପାଇଁ ମନା କରିଥିଲେ।

ଜର୍ମାନୀ ୩-୪ (୧-୧) ପାରାଗୁଏ- ବୋଷ୍ଟନ ଷ୍ଟାଡ଼ିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ସମ୍ପୂର୍ଣ୍ଣ ୧୨୦ ମିନିଟ୍ ଧରି ଜର୍ମାନୀ ଆଧିପତ୍ୟ ଜାରି ରଖିଥିଲା। ୭୫% ବଲ ପୋଜେସନ, ୨୪ଟି ଗୋଲ୍ ସୁଯୋଗ, ୭୫୩ଟି ସଠିକ ପାସ୍ ବିନିମୟ, ୧୬ଟି କର୍ଣ୍ଣର ଓ ଅନେକ ଫ୍ରି-କିକ୍। ତଥାପି



ଦଳ ଜିତିବାରେ ବିଫଳ ହୋଇଥିଲା। ପେନାଲ୍ଟି ସୁଟ୍ ଆଉଟ୍‌ରେ ପାରାଗୁଏ ଭଳି ଦଳ ୪-୩ (୧-୧) ଗୋଲ୍‌ରେ ଜର୍ମାନୀକୁ ହରାଇଥିଲା। ମ୍ୟାଚ୍ ଆରମ୍ଭରୁ ଜର୍ମାନୀ ପ୍ରଭାବ ବିସ୍ତାର କରି ଖେଳିଥିଲେ ହେଁ ପାରାଗୁଏର ୪-୪-୨ ଦଳ ସଂରଚନାକୁ ଭାଙ୍ଗି ପାରି ନଥିଲା। ପାରାଗୁଏ ସୀମିତ ସୁଯୋଗ ପାଇଥିଲା। ମାତ୍ର ଏହାର ଫାଇଦା ଉଠାଇବାରେ ସଫଳ ହୋଇଥିଲା। ନିର୍ଦ୍ଧାରିତ ସମୟ ୧-୧ ଗୋଲରେ ବରାବର ରହିଥିଲା। ଏହା ପରେ ପେନାଲ୍ଟି ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା।

ଫିଫା ବିଶ୍ୱକପରୁ ଜର୍ମାନୀର ବିଦାୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ରାଉଣ୍ଡ ଅଫ୍ ୩୨ରେ, ପାରାଗୁଏ ୪ଥର ଚାମ୍ପିଅନଙ୍କୁ ପେନାଲ୍ଟି ସୁଟ୍‌ଆଉଟ୍‌ରେ ୩-୨ (୧-୧) ରେ ପରାସ୍ତ କରିଥିଲା, ଯାହା ଫଳରେ ସେମାନେ ଫିଫା ବିଶ୍ୱକପରୁ ବିଦା ହୋଇଛନ୍ତି। ଅତିରିକ୍ତ ସମୟରେ ଜୋନାଥନ ଟାହଙ୍କ ହେଡରକୁ ଠଇଜ ଦ୍ୱାରା ଅଗ୍ରାହ୍ୟ କରାଯାଇଥିଲା। ଏହା ବିବାଦ ସୃଷ୍ଟି କରିଥିଲା ଏବଂ ଏପର୍ଯ୍ୟନ୍ତ ବିତର୍କ ଚାଲିଛି। ବର୍ତ୍ତମାନ, ମ୍ୟାଚ୍ ସହିତ ଜଡିତ ଏକ ଖବର ଆସିଛି ଯାହା ପ୍ରତ୍ୟେକ ଜର୍ମାନ ପ୍ରଶଂସକଙ୍କୁ ଦୋହଲାଇ ଦେଇଛି। ମାନୁଏଲ୍ ନ୍ୟୁୟରଙ୍କ ଚମତ୍କାର ସେଭ୍ ପରେ, ଯେତେବେଳେ ସ୍କୋର ୩-୩ ହୋଇଗଲା ଏବଂ ଷଷ୍ଠ ପେନାଲ୍ଟି ନେବାକୁ ପଡିଲା, ୪ ଜଣ ଜର୍ମାନ ଖେଳାଳି ସଟ୍ ନେବାକୁ ମନା କରିଦେଲେ।

ବିଶ୍ୱକପ୍ ଇତିହାସରେ ଜର୍ମାନୀ ପ୍ରଥମ ଥର ପାଇଁ ପେନାଲ୍ଟି ସୁଟ୍ ଆଉଟ୍‌ରେ ପରାଜିତ ହୋଇଥିଲା। ୧୯୮୨ ବିଶ୍ୱକପ୍ ସେମି ଫାଇନାଲ୍‌ରେ ଜର୍ମାନୀ (ପଶ୍ଚିମ ଜର୍ମାନୀ) ୫-୪ ପେନାଲ୍ଟି ସୁଟ୍ ଆଉଟ୍ ଗୋଲ୍ରେ ଫ୍ରାନ୍ସକୁ ହରାଇଥିଲା। ୧୯୮୬ ବିଶ୍ୱକପ୍ କ୍ୱାର୍ଟର ଫାଇନାଲ୍ରେ ପଶ୍ଚିମ ଜର୍ମାନୀ ୪-୧ ପେନାଲ୍ଟି ସୁଟ୍ ଆଉଟରେ ମେକ୍ସିକୋକୁ ପରାଜିତ କରିଥିଲା। ୧୯୯୦ ବିଶ୍ୱକପ୍ ସେମି ଫାଇନାଲରେ ପଶ୍ଚିମ ଜର୍ମାନୀ ୪-୩ ପେନାଲ୍ଟି ସୁଟ୍ ଆଉଟରେ ଇଂଲଣ୍ଡକୁ ପରାଜିତ କରିଥିଲା। ୨୦୦୬ ବିଶ୍ୱକପ୍ କ୍ୱାର୍ଟର ଫାଇନାଲ୍ରେ ଜର୍ମାନୀ ୪-୨ ପେନାଲ୍ଟି ସୁଟ୍ ଆଉଟ୍ ଗୋଲ୍‌ରେ ଆର୍ଜେଣ୍ଟିନାକୁ ବିଦା କରିଥିଲା। ୨୦୨୬ ବିଶ୍ୱକପ୍ ନକ୍ ଆଉଟ୍ (ରାଉଣ୍ଡ-୩୨) ରେ ପାରାଗୁଏ ଠାରୁ ୩-୪ ପେନାଲ୍ଟି ସୁଟ୍ ଆଉଟ୍ ଗୋଲରେ ପରାଜିତ ହୋଇ ଜର୍ମାନୀ ବିଦାୟ ନେଇଥିଲା।


GOVERNMENT OF ODISHA E-Mail- eerwel_bbsr @yahoo.co.in
OFFICE OF THE EXECUTIVE ENGINEER
RURAL WORKS ELECTRICAL DIVISION
BHUBANESWAR
25001/597/2627
e-Procurement Notice No –EERWELBBSR- 11/2026-27

| | | |
|---|---|---|
| 1 | Name of the work | (i) Shifting and Relocation of existing lines due to construction of Dhamanei to Kodiakahania PWD road Kridaspur Under R.W.E.S Nayagarh.-18.21 lakhs. (ii) Shifting and reconstruction of LT/HT line with SS for improvement for Urali village Road Under R.W.E.S Cuttack.-28.40lakhs. (iii) Shifting of 11KV LT lines & S/S due to construction of road from Bamanal to Kasia Chhaka under MF scheme Under R.W.E.S Puri-11.77lakhs. (iv) Shifting of 11 KV Line/SS/LT line at- Kalam, Kalampat & Suanar due to widening of Udayapur Banti (RD road culvert) to Kakatpur road Under R.W.E.S Puri.- 13.75lakhs. (v) Shifting with Reconstruction of existing electrical poles for construction of road from NH-5A to Masakani village Jadupur GP Under R.W.E.S Kendrapara.-7.63 lakhs |
| 2 | Estimated Cost | 7.63 to 28.39 lakhs (Excluding GST) |
| 3 | Period of completion | 180 days |
| 4 | Date and time of availability of Bid documents in the portal | From Dt. 04.07.2026 at 12.00 A.M.to Dt.14.07.2026 up to 5.00 P.M |
| 5 | Date & Time of opening of tender | Dt. 15.07.2026 at 01:00 P.M. |
| 6 | Procurement officer/ Name and address of the officer inviting Bids. | Executive Engineer, R.W EL.DIVN.BBSR At- 1st floor of Divn. Complex, Rasulgarh Behind Esplanade Mall. Dist. – Khordha Odisha. Pincode-751010 |

Further details can be seen from the Govt. Web site www.tenderorissa.gov.in
Sd/- Executive Engineer
Rural work Electrical Division, Bhubaneswar
OIPR-25001/25168/1/26-27/0005



Government of Odisha "e" Procurement Notice
Bid Identification No. 02 of 2026-27
25001/602/2627

| | | | |
|---|---|---|---|
| 1 | Number of Works | : | 2 Nos. of Road Work |
| 2 | Estimated Cost (Aprox.) | : | ₹ 50.34 to 87.96 lakh (Approx.) |
| 3 | Period of Completion | : | Mentioned against NIT Table Col.06 |
| 4 | Date & Time of availability of Bid documents in the Portal | : | 03/07/2026 at 11:00 hrs. |
| 5 | Last date & time for receipt of Bids in the Portal | : | 17/07/2026 at 17:00 hrs. |
| 6 | Date of Opening of Tender;" | : | 18/07/2026 at 11:00 hrs. |
| 7 | Name and address of the Officer Inviting Bid | : | O/o the Superintending Engineer, Rural Works Division, Jagatsinghpur. |

Further details can be seen from the Government website: www.tendersorissa.gov.in
Sd/-Executive Engineer
Rural Works Division
Jagatsinghpur
OIPR-25001/25056/1/26-27/0003


## ଅନ୍‌ମୋଲ୍ ଭାରତୀୟ କନିଷ୍ଠ ହକି ଦଳର ଅଧିନାୟକ: ବେଲ୍‌ଜିୟମ୍ ଗସ୍ତ ଦଳରେ ଓଡ଼ିଶାରୁ ୯

**ଭୁବନେଶ୍ୱର**

ହକି ଇଣ୍ଡିଆ ବେଲ୍‌ଜିୟମ୍ ଗସ୍ତ ଲାଗି ୨୨ ଜଣିଆ କନିଷ୍ଠ (୨୧ ବର୍ଷରୁ କମ୍) ପୁରୁଷ ଦଳ ଘୋଷଣା କରିଛି। ଏହି ଦଳର ଅଧିନାୟକ ଓଡ଼ିଆ ପୁଅ ଅନମୋଲ ଏକ୍କା ରହିଛନ୍ତି। ତାଙ୍କ ସହ ଏହି ୨୨ ଜଣିଆ ଦଳରେ ଓଡ଼ିଶାରୁ ୯ ଜଣ ବିବେକ ଲାକ୍ରା, ରୋହିତ କୁଲୁ, ପ୍ରଶାନ୍ତ ବାର୍ଲା, ସଞ୍ଜିତ ତିର୍କି, ଆଦ୍ରୋହିତ ଏକ୍କା, ମୁକେଶ ଟପ୍ପୋ, ରିତିକ ଲାକ୍ରା ଓ ଅର୍ଯ୍ୟନ ଖେସ୍ ଅଛନ୍ତି। ଅନମୋଲଙ୍କ ସହ ଆଦ୍ରୋହିତ ଓ ରୋହିତ ଚେନ୍ନାଇରେ ଆୟୋଜିତ କାଂସ୍ୟ ବିଜେତା କନିଷ୍ଠ ଭାରତୀୟ ଦଳରେ ସଦସ୍ୟ ଥିଲେ। କାଂସ୍ୟ ମୁକାବିଲାରେ ଅନମୋଲଙ୍କ ଶେଷ ସମୟ ଗୋଲ୍ ବଳରେ ଭାରତ ୪-୨ରେ ଆର୍ଜେଣ୍ଟିନାକୁ ହରାଇଥିଲା। ସେ ମଧ୍ୟ ଏହି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ତାଙ୍କର ଏହି ପ୍ରଦର୍ଶନ ଲାଗି ଜାତୀୟ ଦଳର ଭାର ମିଳିଛି।

## ଜିଲ୍ଲାସ୍ତରୀୟ ସନ୍ତରଣ କନିଷ୍ଠ ବର୍ଗରେ ୪, ବରିଷ୍ଠ ବର୍ଗରେ ୨ ଜଣ ଚାମ୍ପିଅନ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ସନ୍ତରଣ ଗାରରେ ବଲାଙ୍ଗୀର ଜିଲ୍ଲା ସନ୍ତରଣ ସଂଘ ତରଫରୁ ଦୁଇଦିନ ଧରି ଚାଲି ଥିବା ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ବିଜୟାନନ୍ଦ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୁଣନିଧି ମଲ୍ଲିକ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଲିକା ସାହୁ ପୌରଧକ୍ଷା ବଲାଙ୍ଗୀର ମ୍ୟୁନିସ୍ପାଲଟି ହରିଓମ ଶମ୍ଭୁ ନାରାୟଣ ଦାସ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ବଲାଙ୍ଗୀର ଯୋଗଦେଇ ଥିଲେ। ଏଥିରେ ୨୦୦ରୁ ଉର୍ଦ୍ଧ୍ୱ ଖେଳାଳି ଯୋଗ ଦେଇ ଥିଲେ। ୧୦ଟି ବର୍ଗରେ ୫୪ଟି ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସନ୍ତରଣ ସଂଘ ଉପ ସଭାପତି ତଥା ଜିଲ୍ଲା ସନ୍ତରଣ ସଂଘ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ, ସନ୍ତରଣ କୋଚ ନରେଶ ପ୍ରଧାନ, ସୁରେଶ ପ୍ରଧାନ, ତରୁଣ ସେଠ, ଶୈଳେନଦ୍ରୀ ବରର୍ତ୍ତି, ସିମା ରାଉତ, ପୂର୍ଣ୍ଣ ବିଶି, ଦେବୀଦତ୍ତ ଘିବେଲା, ସୁରୁଜିତ ସିଂହ କ୍ରୀଡ଼ା ଶିକ୍ଷକ ହେଲେ ବୁଦ୍ଧିରାଜ ବିଶ୍ୱାଳ, ସ୍ୱପ୍ନା ସେଠ ପୁରେନ୍ଦ୍ରର ସେଠ, ସସ୍ମିତା ଗଡ଼ତିଆ, ବୀରେନ୍ଦ ସୁନା, ଜିତେନ୍ଦ୍ର ନାଏକ, ସଂଗୀତା ନାଏକ, ନୀଳମଣି ପଟେଲ ପ୍ରମୁଖ ସୌଦାମିନୀ କାଣ୍ଡି ଯୋଗଦେଇ ଥିଲେ।

# ଏସସିବି ମେଡିକାଲର ଡାକ୍ତରମାନେ ଓଏମଏସଏର ସମର୍ଥନରେ କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ



**କଟକ, ନ୍ୟୁଜ୍‌ବ୍ୟୁରୋ**

ଜାତୀୟ ଡାକ୍ତର ଦିବସରେ ବର୍ଷାରେ ଓଦା ହୋଇ କଳା ବ୍ୟାଜ୍ ପିନ୍ଧି ଡାକ୍ତରମାନେ ପ୍ରତିବାଦ କରିଛନ୍ତି। କଟକର ଏସସିବି ମେଡିକାଲ କଲେଜ ଏବଂ ହସ୍ପିଟାଲର ଜୁନିଅର ଡାକ୍ତର ସଂଘ, ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନ୍‌ର ସମର୍ଥନରେ ନିଜର ନ୍ୟାୟ ପାଇଁ ପ୍ରତିବାଦ କରିଛି। ସରକାର ସମସ୍ୟାର ସମାଧାନ ନକଲେ ଆଗକୁ କାର୍ଯ୍ୟବନ୍ଦ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛି ଏସସିବି ଜୁନିଅର ଡାକ୍ତର ସଂଘ। ଏସସିବିରେ ହଜାରରୁ ଅଧିକ ଜୁନିୟର ଡାକ୍ତର କଳା ବ୍ୟାଜ୍ ପିନ୍ଧି ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନର ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ତେବେ ଓଏମଏସଏ ୧୦ ଦଫା ଦାବି ପୂରଣକୁ ନେଇ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଆନ୍ଦୋଳନ ଚାଲିଥିବା ବେଳେ ପୂର୍ବରୁ ସରକାରୀ ଡାକ୍ତରଖାନାରେ ଘଣ୍ଟାଏ ଲେଖାଁ ଓପିଡି ମଧ୍ୟ ବନ୍ଦ କରାଯାଇଥିଲା। ଏନେଇ ଜୁନିଅର ଡାକ୍ତର ସଂଘ ଆଜିଠୁ କଳା ବ୍ୟାଜ୍ ପରିଧାନ କରିଛନ୍ତି। ଏସସିବି ଜୁନିଅର ଡାକ୍ତର ସଂଘର ସଭାପତି ଡାକ୍ତର ଚିନ୍ମୟ ପ୍ରଧାନ କହିଛନ୍ତି, ‘ପୂର୍ବରୁ ଯେତେବେଳେ ଆମେ ପ୍ରତିବାଦ କରିଥିଲୁ, ସରକାର ଆମକୁ ପ୍ରତିଶ୍ରୁତି ଦେଇଥିଲେ ଯେ, ଆମର ଦାବି ପୂରଣ କରାଯିବ। କିନ୍ତୁ, ସରକାର ଏପର୍ଯ୍ୟନ୍ତ ଗୋଟିଏ ହେଲେ ଦାବି ପୂରଣ କରିନାହାନ୍ତି। ପ୍ରତିଶ୍ରୁତି ପାଳନ କରିନାହାନ୍ତି। ଛଅ ମାସ ବିତିଗଲାଣି କିନ୍ତୁ କୌଣସି ପଦକ୍ଷେପ ନିଆଯାଇନାହିଁ। ସରକାର ସେମାନଙ୍କର ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଥିବାରୁ ଏସସିବି ମେଡିକାଲର ସମସ୍ତ ଜୁନିଅର ଡାକ୍ତର କଳାପଟି ପିନ୍ଧି ପ୍ରତିବାଦ କରୁଛନ୍ତି।’ କଟକ ବଡ଼ ମେଡିକାଲରେ ଆନ୍ଦୋଳନର ପ୍ରଭାବ ପଡି ନଥିବା ବେଳେ କଟକ ଜିଲ୍ଲାରେ ଥିବା ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ଚିକିତ୍ସା କେନ୍ଦ୍ର ଏବଂ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହାର ପ୍ରଭାବ ପଡ଼ିଛି। ରାଜ୍ୟରେ ପ୍ରାୟ ୫ ହଜାର ଡାକ୍ତର ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନ ରେ ଥିବା ବେଳେ, ସେମାନେ ପ୍ରତିବାଦକୁ ଓହ୍ଲାଇ ଥିବାରୁ ଗୋଷ୍ଠୀ କେନ୍ଦ୍ରଗୁଡିକରେ ରୋଗୀ ସେବା ପ୍ରଭାବିତ ହୋଇଛି।

# ଏଫଏମୟୁର ଯୁବ ଗବେଷିକାଙ୍କୁ ମିଳିଲା ଜାତୀୟ ସମ୍ମାନ

**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱ ବିଦ୍ୟାଳୟର ଜୈବ ପ୍ରଯୁକ୍ତିବିଦ୍ୟା ଏବଂ ଜୈବ-ସୂଚନା ବିଜ୍ଞାନ ବିଭାଗର ଗବେଷିକା ଉପାସନା ପଟ୍ଟନାୟକ ଆନ୍ତର୍ଜାତିକ ଜୈବ ବିବିଧତା ଦିବସ–୨୦୨୬ ଉପଲକ୍ଷେ ଆୟୋଜିତ ଡିଜିଟାଲ୍ ପୋଷ୍ଟର ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରି ଜାତୀୟ ସ୍ତରରେ ବିଶ୍ୱବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ସୁଶ୍ରୀ ପଟ୍ଟନାୟକ ଜୈବ ପ୍ରଯୁକ୍ତିବିଦ୍ୟା ବିଷୟରେ ଅଣୁ-ବଂଶାନୁକ୍ରମ ବିଜ୍ଞାନ ଓ ଜୈବ-ସୂଚନା ବିଜ୍ଞାନ କ୍ଷେତ୍ରରେ ଗବେଷଣା କରୁଛନ୍ତି। ତାଙ୍କ ଗବେଷଣାର ବିଷୟବସ୍ତୁଟି ପରିବେଶଗତ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ- ‘ପ୍ରାଚୀନ



ସାମୁଦ୍ରିକ ପ୍ରଜାତି ଭାରତୀୟ ନୀଳରକ୍ତ କଙ୍କଡ଼ାର ସଂରକ୍ଷଣ ଏବଂ ଅଣୁସ୍ତରୀୟ ଅଧ୍ୟୟନ’।

ଏହି ଗବେଷଣା ବିଭାଗର ସହଯୋଗୀ ଅଧାପକ ଡକ୍ଟର ଭରତ ଭୂଷଣ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବିଶ୍ୱବିଦ୍ୟାଳୟରେ ଚାଲିଥିବାବେଳେ ପ୍ରାଣୀବିଜ୍ଞାନ ବିଭାଗର ସଂଲଗ୍ନ ଅଧ୍ୟାପକ ଡ଼କ୍ଟର ବିଷ୍ଣୁ ପ୍ରସାଦ ଦାଶ ସହ-ଗବେଷଣା ନିର୍ଦ୍ଦେଶକ ଭାବେ ମାର୍ଗଦର୍ଶନ କରୁଛନ୍ତି। ଏହି ପ୍ରତିଯୋଗିତା ଦେରାଦୁନ ସ୍ଥିତ ଭାରତୀୟ ବନ୍ୟଜୀବ ସଂସ୍ଥାନର ପରିବେଶ ସୂଚନା, ସଚେତନତା ଓ କ୍ଷମତା ବିକାଶ କାର୍ଯ୍ୟକ୍ରମ କେନ୍ଦ୍ର ପକ୍ଷରୁ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶ ପାଇଁ ଜୀବନଶୈଳୀ କାର୍ଯ୍ୟକ୍ରମ ଅଧୀନରେ ଆୟୋଜିତ ହୋଇଥିଲା। ସୁଶ୍ରୀ ପଟ୍ଟନାୟକ ଦାଖଲ କରିଥିବା ପୋଷ୍ଟରରେ ଭାରତୀୟ ନୀଳରକ୍ତ କଙ୍କଡ଼ା ସଂରକ୍ଷଣର ଆବଶ୍ୟକତା ଏବଂ ବୈଜ୍ଞାନିକ ଗବେଷଣା ସହ ଜନସଚେତନତା ମାଧ୍ୟମରେ ଜୈବ ବିବିଧତା ସୁରକ୍ଷାର ବାର୍ତ୍ତା ଉପସ୍ଥାପିତ ହୋଇଥିଲା।

ଏହି ସଫଳତା ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଚାଲିଥିବା ଉଚ୍ଚମାନର ଗବେଷଣା, ନବସୃଜନ ଓ ପରିବେଶ ଏବଂ ଜୈବ ବିବିଧତା ସଂରକ୍ଷଣ କ୍ଷେତ୍ରରେ ବିଶ୍ୱ ବିଦ୍ୟାଳୟର ପ୍ରଗତିକୁ ପ୍ରତିଫଳିତ କରିଛି। ଏହି ଉଲ୍ଲେଖନୀୟ ସଫଳତା ପାଇଁ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ - ସୁଶ୍ରୀ ଉପାସନା ପଟ୍ଟନାୟକ, ତାଙ୍କ ଗବେଷଣା ନିର୍ଦ୍ଦେଶକ ଡ଼କ୍ଟର ଭରତ ଭୂଷଣ ପଟ୍ଟନାୟକ ଏବଂ ସହ-ଗବେଷଣା ନିର୍ଦ୍ଦେଶକ ଡକ୍ଟର ବିଷ୍ଣୁ ପ୍ରସାଦ ଦାଶଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଭବିଷ୍ୟତ ଗବେଷଣା ଓ ଶିକ୍ଷାଜୀବନ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

